## ସଂକ୍ଷେପରେ

### ବାବା ଲଙ୍କେଶ୍ୱର କ୍ରିକେଟ: ଦ୍ୱିତୀୟ ସେମିରେ ନିମପୁର ସ୍ପୋର୍ଟିଂ ବିଜୟୀ

**ଖଇରା, ୧୨।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଗଣ୍ଡିବେଡ ହାଇସ୍କୁଲ ପଡିଆରେ ଚାଲିଥିବା ବାବା ଲଙ୍କେଶ୍ୱର ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମି ଫାଇନାଲ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକର ନିମପୁର ସ୍ପୋର୍ଟିଂ ଯାଜପୁର ଏମସିସି ୫ ଉଇକେଟରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଯାଜପୁର ୨୦ ଓଭରରେ ୮ ଉଇକେଟ ବିନିମୟରେ ୧୫୯ରନ ସଂଗ୍ରହ କରିଥିଲେ। ଜବାବରେ କଟକ ୧୯.୪ ଓଭରରେ ୫ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରିନେଇଥିଲେ। ବିକ୍ରମ ସାମଲଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ଘୋଷଣା କରାଯାଇଥିଲା। ରଞ୍ଜନ ମହାନ୍ତି ଓ ଲଲାଟ କେଶରୀ ନନ୍ଦ ମ୍ୟାଚ ପରିଚାଳନା କରିଥିଲେ। ଆସନ୍ତା ୧୫ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଫାଇନାଲରେ ନିମପୁର ସ୍ପୋର୍ଟିଂ ବାରିପଦା ଡିଆରକେ ଟିମ୍‌କୁ ଭେଟିବ।

### 'ନୀରବତା ହିଁ ଶ୍ରେଷ୍ଠ ଶିକ୍ଷା'

**ସିମୁଳିଆ, ୧୨।୧(ଡି.ଏନ.ଏ.):** ଶ୍ରୀଅରବିନ୍ଦ ନବୋଦ୍ୟମ ଟ୍ରଷ୍ଟ ମାତୃଭୂମି ମାର୍କୋଣା ପରିସରରେ ଶନିବାର ପରମପ୍ରଭୁ ଶ୍ରୀଅରବିନ୍ଦଙ୍କ ଶ୍ରୀତନୁ ସ୍ମାରକୀ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଶ୍ରମ ପରିସରରେ ଅଖଣ୍ଡ ମାତୃନାମ ଜପ, ଆଧାତ୍ମିକ ପତାକା ଉତ୍ତୋଳନ, ସମୂହ ଧ୍ୟାନ ଓ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ମାତୃସେବକ ସୂର୍ଯ୍ୟମଣି ବୋଇତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମାତୃସେବକ ଅନ୍ତର୍ଯାମୀ ନାୟକ ଯୋଗଦେଇ 'ନୀରବତା ହିଁ ଶ୍ରେଷ୍ଠ ଶିକ୍ଷା' ବୋଲି କହିବା ସହିତ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଦର୍ଶନ, ମହାକାବ୍ୟ ସାବିତ୍ରୀ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟ ଭକ୍ତମାନଙ୍କ ମଧ୍ୟରେ ଭାଗୀରଥି ପଣ୍ଡା, ବସନ୍ତ ମହାରଣା, କମଳାକାନ୍ତ ପଣ୍ଡା, କୀର୍ତ୍ତନବିହାରୀ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଆଶ୍ରମ ମୁଖ୍ୟ ଧୀରେନ୍ଦ୍ର କୁମାର ବଳ ପ୍ରାକ୍ ସୂଚନା ପ୍ରଦାନ କରିଥିଲେ। ଆଶ୍ରମ ଅନ୍ତେବାସୀ, ଅଭିଭାବକ ଓ ଶିଶୁମାନେ ରାଜ୍ୟପାଳଙ୍କ ବକ୍ତବ୍ୟ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଦେଖିଥିଲେ। ନବମ ଶ୍ରେଣୀ ଛାତ୍ର ସୌମ୍ୟରଞ୍ଜନ ସାହୁ ଓ ସପ୍ତମ ଶ୍ରେଣୀର ଛାତ୍ର ଅବିସ୍କାର ମହାରଣା ଦୁଃସାହସିକ ଅଭିଯାନ ପାଠ କରିଥିଲେ। ଶିଶୁମାନଙ୍କ ଦ୍ୱାରା ସମବେତ କଣ୍ଠ ସଙ୍ଗୀତ, ଫଟୋଚିତ୍ରରେ ପୁଷ୍ପ, ଧୂପ ପ୍ରଦାନ, ଧ୍ୟାନ, ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନରେ ମାତୃ ପ୍ରସାଦସେବନ, ଅପରାହ୍ନରେ ସମବେତ ଧ୍ୟାନ, ରାତ୍ରି ୮ଟାରେ ମାତୃ ପତାକା ଅବତରଣ ଓ ପ୍ରସାଦସେବନ ଅନୁଷ୍ଠିତ ହୋଇଥିଲା।

### ଗାୟତ୍ରୀ ମହାଯଜ୍ଞ

**ବାହାନଗା, ୧୨।୧(ଡି.ଏନ.ଏ.):** ବାହାନଗା ବ୍ଲକ ବରିପଦା ପଞ୍ଚାୟତ ଖେରଙ୍ଗସ୍ଥିତ ମହାରୁଦ୍ରପୁର ଗ୍ରାମରେ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହଯଜ୍ଞ ଶନିବାର ଅନୁଷ୍ଠିତ ହୋଇଛି। ଗାୟତ୍ରୀ ପରିବାର ତରଫରୁ ଧର୍ମଧ୍ୱଜା ଉତ୍ତୋଳନ କରାଯିବା ପାଇଁ ଅଞ୍ଚଳର ଆଦର୍ଶ ଶିକ୍ଷକ ଶୁଭେନ୍ଦୁ ଦାସଙ୍କ ଦ୍ୱାରା ସମ୍ପାଦନ ହୋଇଥିଲା। ପରେ ଗ୍ରାମର ମହିଳାମାନଙ୍କ ଦ୍ୱାରା ୧୦୮ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଶାନ୍ତିକୁଞ୍ଜ ହରିଦ୍ୱାରାରୁ ଆସିଥିବା ସାଧକମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମହାରୁଦ୍ରପୁର ଗ୍ରାମର ରଘୁନାଥ ଦାସ, ଭାଗବତ ଯେନା ପ୍ରମୁଖ ସହଯୋଗ କରିଥିଲେ।

**ବାଲିଆପାଳରେ ଆଦର୍ଶ ବିଦ୍ୟାଳୟ**

# ହୋଇନି ଜମି ହସ୍ତାନ୍ତର

**ବାଲିଆପାଳ, ୧୨।୧(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକରେ ରାଜ୍ୟ ସରକାର ଆଦର୍ଶ ଇଂରାଜୀ ବିଦ୍ୟାଳୟ ସ୍ଥାପନ ପାଇଁ ମଞ୍ଜୁରୀ ଦେଇଛନ୍ତି। ଏଥିପାଇଁ ଅର୍ଥ ମଞ୍ଜୁର ହୋଇ ଆର୍‌ଡି ପକ୍ଷରୁ ଟେଣ୍ଡର ଡକାଯାଇ ଠିକାଦାର ନିଯୁକ୍ତି କରାଯାଇଛି। ମାତ୍ର ଇତିମଧ୍ୟରେ ୩ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ପ୍ରଶାସନ ଚିହ୍ନଟ କରିଥିବା ଜମି ହସ୍ତାନ୍ତର ହୋଇପାରୁ ନ ଥିବାରୁ ଆର୍‌ଡି ପକ୍ଷରୁ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରୁନି। ଆଦର୍ଶ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଆଶା କରିଥିବା ମେଧାବୀ ଛାତ୍ରୀଛାତ୍ରମାନେ ନିରାଶ ହୋଇଛନ୍ତି।

ବ୍ଲକର ବଳରାମପୁର ପଞ୍ଚାୟତ ବଳରାମପୁର ଗ୍ରାମରେ ଥିବା ୧୦ ଏକର ବିଶିଷ୍ଟ ଏକ ଜାଗାକୁ ବାଲିଆପାଳ ତହସିଲଦାର ଚିହ୍ନଟ କରି ଜଣାଇଥିଲେ। ପ୍ରଥମେ ଟାଟା ଟ୍ରଷ୍ଟ ୨୦୧୮ରେ କାର୍ଯ୍ୟ କରିବାକୁ ଆସିଥିବା ବେଳେ ଗ୍ରାମର କେତେକ ବ୍ୟକ୍ତି ଏହାକୁ ବିରୋଧ କରିବାରୁ ଟାଟା ଟ୍ରଷ୍ଟ କାର୍ଯ୍ୟ ନ କରି ପଳାଇ ଯାଇଥିଲା। ପରେ ଏହି କାର୍ଯ୍ୟ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଦାୟିତ୍ୱ

**୩ ବର୍ଷ ହେଲା ଆରମ୍ଭ ହୋଇପାରୁନି କାମ**

ଦିଆଯାଇଛି। ଏଥିପାଇଁ ଆରଡ଼ି ବିଭାଗ ଟେଣ୍ଡର କରି ଠିକାଦାର ନିଯୁକ୍ତି କରିଛନ୍ତି। ଆରଡ଼ି ବିଭାଗ ଏବଂ ଠିକାଦାର ସେଠାରେ କାର୍ଯ୍ୟ କରିବାକୁ ଆସିବାରୁ ସେହି ପଞ୍ଚାୟତର ସମିତିସଦସ୍ୟ ଏବଂ ତାଙ୍କର ସମର୍ଥକମାନେ ଚିହ୍ନଟ କରିଥିବା ସ୍ଥାନରେ ତାଙ୍କର ପୂର୍ବରୁ ଘର ରହିଥିବାରୁ ସେମାନେ ଉଚ୍ଛେଦ ହେବା ଭୟରେ ହାଇକୋର୍ଟରେ ମାମଲା ରୁଜୁ କରି କାର୍ଯ୍ୟରେ ରୋକ ଲଗାଇଛନ୍ତି। ପରେ ସରକାର ଏହି ଆଦର୍ଶ ବିଦ୍ୟାଳୟ ପାଇଁ ଜାଗା ୧୦ ଏକରରୁ ୫ ଏକରକୁ କମାଇ ଦେଇଛନ୍ତି। ତେବେ କୋର୍ଟରେ ମାମଲା ରହିଥିବା ଜାଗାକୁ ବାଦ୍ ଦେଇ ମଧ୍ୟ ସେହି ଗ୍ରାମରେ ୫ ଏକର ଜାଗା ରହିଥିବାରୁ ସେହି ଜାଗାକୁ ବିଦ୍ୟାଳୟକୁ ହସ୍ତାନ୍ତର କଲେ କାର୍ଯ୍ୟ ସୁରୁଖୁରରେ ହୋଇପାରିବ। ମାତ୍ର ସ୍ଥାନୀୟ ଲୋକପ୍ରତିନିଧି ଏବଂ ପ୍ରଶାସନ ଦୀର୍ଘଦିନ ହେଲା ସ୍ଥାଣୁ ହୋଇ ବସି ରହିଥିବା ବେଳେ ଗତ ଅକ୍ଟୋବରରେ ବାଲିଆପାଳ ବ୍ଲକରେ ଅନୁଷ୍ଠିତ ମିଳିତ ଜନଶୁଣାଣିରେ ବାଲିଆପାଳ ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ସଭାପତି ନାରାୟଣ ପ୍ରସାଦ ସାହୁ ତୁରନ୍ତ ଜମି ହସ୍ତାନ୍ତର କରି ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ମାତ୍ର ଏହା ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ପ୍ରଶାସନ ବିଦ୍ୟାଳୟ ପାଇଁ ଆବଶ୍ୟକ ଜାଗା ପ୍ରଦାନ କରିବାରେ ବିଫଳ ହୋଇଛି। ଫଳରେ ଅର୍ଥ ଥାଇ ମଧ୍ୟ ବିଦ୍ୟାଳୟର ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ଏ ନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ବିଦ୍ୟାଳୟ ପାଇଁ ଆବଶ୍ୟକ ଜମି ହସ୍ତାନ୍ତର ନ ହେଲେ ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ହେବ ବୋଲି ପରିଷଦର ସଭାପତି ନାରାୟଣ ପ୍ରସାଦ ସାହୁ, ଡାକ୍ତର ବଙ୍କିମ ଜେନା ଓ ସନ୍ନ୍ୟାସୀ ବେହେରା ପ୍ରମୁଖ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ବାଲିଆପାଳ ବିଡିଓ ନାରାୟଣ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ବିଦ୍ୟାଳୟ ପାଇଁ ପୂର୍ବରୁ ଚିହ୍ନଟ ହୋଇଥିବା ଜମି ହସ୍ତାନ୍ତର ପାଇଁ ଜିଲାପାଳଙ୍କ ଅନୁମୋଦନ ପାଇଁ ପଠାଯାଇଛି, ଅନୁମୋଦନ ପରେ ଆର୍‌ଡି ପକ୍ଷରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ।

## ଯୁବ ମହୋତ୍ସବ, ନବଜାଗରଣ ପଦଯାତ୍ରା



ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଉଛି।

**ବାଲିଆପାଳ,୧୨।୧(ସ୍ୱ.ପ୍ର.)**

ସ୍ୱାମୀ ବିବେକାନନ୍ଦଙ୍କ ୧୫୮ତମ ଜୟନ୍ତୀ ଉପଲକ୍ଷେ ସ୍ୱେଚ୍ଛାସେବୀ ସଙ୍ଗଠନ ଓଡ଼ିଶା ପ୍ରାଇଡ଼ ପକ୍ଷରୁ ଯୁବ ମହୋତ୍ସବ ଓ ନବଜାଗରଣ ପଦଯାତ୍ରା ବାଲିଆପାଳ ବ୍ଲକର ବେତଗଡ଼ିଆ ପଞ୍ଚାୟତ ନାରାୟଣପୁର ସଂସ୍କୃତ ମହାବିଦ୍ୟାଳୟ ସମ୍ମୁଖ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି।

ଓଡ଼ିଶା ପ୍ରାଇଡ଼ର ସଭାପତି ମାନସ ଦାସଙ୍କ ନେତୃତ୍ୱରେ ଶତାଧିକ ଯୁବତୀଯୁବକ ରବିବାର କାଳିପଦାବଜାରଠାରୁ ଏକ ବିରାଟ ପଦଯାତ୍ରାରେ ସଭାସ୍ଥଳ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଅନୁଷ୍ଠିତ ଯୁବ ଉତ୍ସବରେ ଅନୁଷ୍ଠାନର ସଭାପତି ଦାସ ଅଧ୍ୟକ୍ଷତା କରିଥିଲେ। ହରିହରାନନ୍ଦ ଗୁରୁକୁଳ ବାଲିଘାଇ ପୁରୀର ସ୍ୱାମୀ ସମର୍ପଣାନନ୍ଦ ଗିରି ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୀବନାଦର୍ଶନ ଏବଂ ଭାରତୀୟ ସଂସ୍କୃତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବସ୍ତା ଏସ୍‌ଡ଼ିପିଓ ଜଳନ୍ଧର ଜାଲି ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବସମାଜ ପାଶ୍ଚାତ୍ୟ ସଂସ୍କୃତିକୁ ଅନୁକରଣ କରିବା ପରିବର୍ତ୍ତେ ଭାରତର ଐତିହ୍ୟ ଓ ପରମ୍ପରାକୁ ସମ୍ମାନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଧ୍ରୁବଚରଣ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରିୟବ୍ରତ ପଣ୍ଡା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଞ୍ଚାନନ ପଣ୍ଡା,ସୁଧାସିନ୍ଧୁ ପଣ୍ଡା, କିର୍ତ୍ତୀଚନ୍ଦ୍ର ହାଇସ୍କୁଲର ପ୍ରଧାନଶିକ୍ଷକ ଅଭିମନ୍ୟୁ ଦାସ, ଡଗରା ସରପଞ୍ଚ ଅବନ୍ତୀ ମହାନ୍ତି, ସମାଜସେବୀ ଶିବଶଙ୍କର ପ୍ରଧାନ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଶେଷରେ ପୀତବାସ ଗିରି ଧନ୍ୟବାଦ ପ୍ରଦାନ କରିଥିଲେ। ଜାମକୁଣ୍ଡା ଫାଣ୍ଡି ଅଧିକାରୀ ସାରଦା ପ୍ରସାଦ ମୁଦୁଲି, କାଳିପଦା ବଜାର କମିଟି ସଭାପତି ନିତ୍ୟାନନ୍ଦ ଦାସ, କବି ନଳିନୀକାନ୍ତ ପାଢ଼ୀ ନବଜାଗରଣ ପଦଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଭୂବନମୋହନ ଦେ, ରଞ୍ଜିତା ପାଢ଼ୀ, ଶାନ୍ତିଲତା ପଢ଼ିଆରୀ, କସ୍ତୁରୀ ଦାସ, ଆଶିଷ ଜେନା, ରାଜେଶ ଦେ ସମେତ ସଂସ୍କୃତ ମହାବିଦ୍ୟାଳୟର କର୍ମଚାରୀ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।

## କ୍ରିକେଟ୍ ଟୁର୍ନାମେଣ୍ଟ: ଏଫଏମ୍ ସ୍ୱୟଂଶାସିତ କଲେଜ ବିଜୟୀ

**ବାଲେଶ୍ୱର ଅଫିସ,୧୨।୧**

ବାଲେଶ୍ୱର ଫକୀରମୋହନ(ଏଫଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜିଲାସ୍ତରୀୟ ଆନ୍ତଃ ମହାବିଦ୍ୟାଳୟ କର୍ମଚାରୀ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଛି। ଟୁର୍ନାମେଣ୍ଟରେ କେନ୍ଦୁଝର ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଶ୍ରୀମୟ ଦାସ ଅଧିକାରୀ ଏହାକୁ ଉଦ୍‌ଘାଟନ କରି ପାଠପଢ଼ା ସହିତ କ୍ରୀଡ଼ାରେ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବାକୁ ଆହ୍ୱାନ ଦେଇଥିଲେ।

ପ୍ରଥମେ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ ୨୦ଓଭରରେ ୧୧୪ ରନ୍ କରିଥିଲେ। ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ କ୍ରିକେଟ ଟିମ୍ ୮ ଉଇକେଟ୍ ବିନିମୟରେ ୧୧୫ ରନ୍ କରି ବିଜୟୀ ହୋଇଥିଲେ। ସୟଦ ଆରିଫ୍ ରାଜା ସର୍ବାଧିକ ଉଇକେଟ୍ ହାସଲ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ କ୍ରିକେଟ ଟିମ୍‌ର ଡ. ଅଭିଜିତ ଦାସ ଅଧିନାୟକ ଥିବା ବେଳେ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ କ୍ରିକେଟ ଟିମ୍‌ର ପ୍ରକାଶ ପାଲ ଅଧିନାୟକ ଭାବେ କାର୍ଯ୍ୟ କରିଥିଲେ। ଗିରିଶ ଚନ୍ଦ୍ର ହୋତା ଓ ସଞ୍ଜୀବ କୁମାର ସାହୁ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। ଖେଳର ଅନ୍ତିମ ପର୍ଯ୍ୟାୟରେ ମୁଖ୍ୟବକ୍ତା ଡ. ରବୀନ୍ଦ୍ର କୁମାର ସାହୁ ଓ ସମ୍ମାନନୀୟ ଅତିଥି ଡ. ଅଞ୍ଜନ କୁମାର ଦାଶ ବିଜୟୀ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ।



ବିଜୟୀ ଏଫ୍‌ଏମ୍ ସ୍ୱୟଂଶାସିତ କଲେଜ କର୍ମଚାରୀ ଟିମ୍।

## ଦଳୀୟ କନ୍ଦଳ ଭୁଲି ଆନ୍ଦୋଳନ ଚଳାଇବାକୁ ନିଷ୍ପତ୍ତି

**ଜଳେଶ୍ୱର,୧୨।୧(ଡି.ଏନ.ଏ.):** ଦଳୀୟ କନ୍ଦଳ ଭୁଲି ବିଭିନ୍ନ ଜନ ସମସ୍ୟାକୁ ନେଇ ଆନ୍ଦୋଳନ ଚଳାଇବାକୁ ଜଳେଶ୍ୱର କଂଗ୍ରେସ ପକ୍ଷରୁ ନବବର୍ଷ ଓ ମକର ସଂକ୍ରାନ୍ତି ଉପଲକ୍ଷେ ଆୟୋଜିତ ବନ୍ଧୁମିଳନ ଉତ୍ସବରେ ଗୁରୁତ୍ୱାରୋପ କରାଯାଇଛି। ବ୍ଲକର ଶିଖରପୁର ଠାରେ ରବିବାର କଂଗ୍ରେସ ଦଳର ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବନ୍ଧୁ ମିଳନ ଉତ୍ସବରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ନଗରପାଳ ସୁନୀଲ ପରିଡ଼ା, ବସ୍ତା ବ୍ଲକର ପୂର୍ବତନ ସଭାପତି ସତ୍ୟନାରାୟଣ ଗୁପ୍ତା, ସୂର୍ଯ୍ୟ କୁମାର ଘୋଷ, ସରୋଜିନୀ ଘୋଷ, ଚିତରଞ୍ଜନ ପରିଡ଼ା, ଗିରିଜା ଶଙ୍କର ଦାସ, ଲକ୍ଷ୍ମୀଧର ଗିରି, ଜଗଦୀଶ ନନ୍ଦୀ, ପ୍ରମୁଖ ଯୋଗଦେଇଥିଲେ। ସମ୍ପ୍ରତି ଦେଶରେ ଅତ୍ୟାବଶ୍ୟକୀୟ ଜିନିଷର ଦରଦାମ ବୃଦ୍ଧି ଓ ଅନ୍ୟାନ୍ୟ ସମସ୍ୟା ନେଇ ଆଲୋଚନା ହୋଇଥିଲା। କେନ୍ଦ୍ର ସରକାରଙ୍କ 'ସବ୍‌କା ସାଥ୍-ସବ୍‌କା ବିକାଶ' ନାରା ସତ୍ତ୍ୱେ ଏବେ 'ସବ୍‌କା ବିନାଶ' ଚାଲିଛି ବୋଲି ବକ୍ତାମାନେ ଦର୍ଶାଇ ସମାଲୋଚନା କରିଥିଲେ।

## 'ଛାତ୍ରୀଛାତ୍ର ରାଷ୍ଟ୍ର ପ୍ରତି ସମର୍ପିତ ହୁଅ'

**ରୂପସା, ୧୨।୧(ଡି.ଏନ୍.ଏ.)**

ଝିଅପୁଅଙ୍କୁ ସଂସ୍କାରୀ କରାଇବା ମା'ମାନଙ୍କ ଦାୟିତ୍ୱ। ନୈତିକ ଶିକ୍ଷା ଓ ଚରିତ୍ରବତ୍ତା ନିମନ୍ତେ ପରିବାରରୁ ହିଁ ଶିକ୍ଷା ଦିଆଯାଇଥାଏ। ଛାତ୍ରୀଛାତ୍ର ରାଷ୍ଟ୍ର ପାଇଁ ସମର୍ପିତ ହେବା ଜରୁରୀ ବୋଲି ମୁଖ୍ୟଅତିଥି 'ବେଦପୀୟୂଷ' ପତ୍ରିକାର ସମ୍ପାଦକ ତଥା ବିଶିଷ୍ଟ ପ୍ରବଚକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ତାଙ୍କ ବକ୍ତବ୍ୟରେ କହିଛନ୍ତି।

ବାଲେଶ୍ୱର ଓ ମୟୂରଭଞ୍ଜ ସୀମାନ୍ତବର୍ତ୍ତୀ ରୂପସା ନିକଟ ମନ୍ତ୍ରୀଡାହି ଦୟାନନ୍ଦ ଗୁରୁକୁଳ ଶିକ୍ଷାଶ୍ରମର ରୌପ୍ୟ ଜୟନ୍ତୀ ସମାରୋହ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଶିକ୍ଷାଶ୍ରମର ପ୍ରତିଷ୍ଠାତା ସୁରେଶ ଚନ୍ଦ୍ର ପାଣି ପୌରୋହିତ୍ୟ କରିଥିଲେ। ସମ୍ମାନ୍‌ନୀୟ ଅତିଥି ଭାବେ ରେଭେନ୍ସା କଲେଜ ଅଧ୍ୟାପକ ଖଗେନ୍ଦ୍ର ସେଠୀ, ଅଁଳା ମହାବିଦ୍ୟାଳୟ ଅଧ୍ୟାପକ ସମୀର କୁମାର ଜେନା ଓ ସରପଞ୍ଚ ସଞ୍ଜୟ କୁମାର ସେଠୀ ମଞ୍ଚାସୀନ ହୋଇ ଦୟାନନ୍ଦଙ୍କ ଆଦର୍ଶରେ ଛାତ୍ରୀଛାତ୍ର ଅନୁପ୍ରାଣିତ ହେବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ରୂପ୍‌ସା, ନଳବାହାର, ହଳଦୀପଦା ଓ ଗଡ଼ଦେଉଳିଆ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରଙ୍କୁ ନେଇ ଶିଶୁମେଳା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ସହ ପୁରସ୍କାର ବିତରଣ କରିଥିଲେ।



ବାବା ବାଣେଶ୍ୱର ଟି-୧୦ କ୍ରିକେଟ୍ ଟୁର୍ନାମେଣ୍ଟକୁ ଶିଳ୍ପପତି ଅମୀନ ଖାନ୍ ଉଦ୍‌ଘାଟନ କରୁଛନ୍ତି।

## ବାବା ବାଣେଶ୍ୱର ଟି-୧୦ କ୍ରିକେଟ୍ ଫାଇନାଲରେ ରୂପ୍‌ସା ସାଇଜ୍ୟୋତି କ୍ଲବ

**ରୂପସା, ୧୨।୧(ଡି.ଏନ୍.ଏ.)**

ରୂପ୍‌ସା ଥାନା ଜହତା ବାବା ବାଣେଶ୍ୱର ଟି-୧୦ ଆନ୍ତର୍ଜାତିକ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ବାଖରାବାଦ କ୍ଲବକୁ ଜାମୁନିଆ ମା' ତାରିଣୀ କ୍ଲବ ପରାସ୍ତ କରି ବିଜୟୀ ହୋଇଥିଲା। ପ୍ରଥମେ ଜାମୁନିଆ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୧୦୫ ରନ୍ କରିଥିଲା। ଦଳ ପକ୍ଷରୁ ବ୍ୟାଟ୍ସମ୍ୟାନ୍ ରାଜେଶ ସିଂହ ସର୍ବାଧିକ ୩୦ ରନ୍ କରିଥିଲେ। ଜବାବରେ ବାଖରାବାଦ ଦଳ ମଧ୍ୟ ନିର୍ଦ୍ଧାରିତ ଓଭର ଖେଳି ୪ ଉଇକେଟ ହରାଇ ୧୦୫ ରନ୍ କରି ମ୍ୟାଚ୍‌କୁ ଡ୍ର କରିଥିଲା। ଏହାପରେ ୧ ଓଭର ବିଶିଷ୍ଟ ସୁପରଓଭର ମ୍ୟାଚ୍‌ରେ ଜାମୁନିଆ ଦଳ ବିଜୟ ହାସଲ କରିଥିଲା। ମୁଖ୍ୟଅତିଥି ବିଶିଷ୍ଟ ଶିଳ୍ପପତି ତଥା ଓଡ଼ିଆ ଚଳଚ୍ଚିତ୍ର 'ବାବୁ ଭାଇଜାନ୍'ର ନିର୍ମାତା ଅବ୍‌ଦୁଲ ଅମୀନ ଖାନ୍ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଦିଲ୍ଲୀରୁ ତେଜପାଲ ଶର୍ମା ଓ ବିନୋଦ ଶେଖାୱତ୍ ମଞ୍ଚାସୀନ ହୋଇ ଉଦ୍‌ବୋଧନ ଦେଇଥିଲେ।

ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ମଧୁପୁରା ମା' ମଙ୍ଗଳା ଦଳ ପ୍ରଥମେ ବ୍ୟାଟିଂ କରି ୮ ଉଇକେଟ୍‌ରେ ୮୫ ରନ୍ କରିଥିଲା। ଜବାବରେ ରୂପ୍‌ସା ସାଇଜ୍ୟୋତି ଦଳ ୩ ଉଇକେଟ୍ ବିନିମୟରେ ୮୭ ରନ୍ କରି ବିଜୟୀ ହୋଇଥିଲା। ଜାମୁନିଆ ଦଳ ଓ ରୂପ୍‌ସା ସାଇଜ୍ୟୋତି ଦଳ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସାଇଜ୍ୟୋତି ଦଳ ୫୧ ରନ୍ କରି ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲେ।

## ପୁରାତନ ଛାତ୍ର ସଂସଦ ପକ୍ଷରୁ ବନ୍ଧୁମିଳନ

**ରେମୁଣା,୧୨।୧(ଡି.ଏନ.ଏ.):** ରେମୁଣା ବ୍ଲକ ନୀଳଗିରି ରୋଡ଼ ଉଚ୍ଚବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ପକ୍ଷରୁ ମିତ୍ରପୁର ବୁଲେକ୍‌ଠାରେ ରବିବାର ବନ୍ଧୁମିଳନ ଆୟୋଜିତ ହୋଇଥିଲା। ଛାତ୍ର ସଂସଦ ସଭାପତି ଗୋପବନ୍ଧୁ ଦାସ ସଭାପତିତ୍ୱ କରିଥିଲେ। ଶନିବାର ହୃଦ୍‌ଘାତରେ ମୃତ୍ୟୁବରଣ କରିଥିବା ପୁରାତନ ଛାତ୍ର ତଥା ଫୁଟବଲ ତାରକା ଶଶିକାନ୍ତ ପାଣିଗ୍ରାହୀଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଥମେ ନୀରବ ପ୍ରାର୍ଥନା କରାଯାଇଥିଲା। ଛାତ୍ର ସଂସଦ ସାଂସ୍କୃତିକ ସମ୍ପାଦକ ଶଶିକାନ୍ତ ପରିଡ଼ା ସ୍ମୃତିଚାରଣ କରିଥିଲେ। ଶଶିକାନ୍ତ ଜଣେ ଫୁଟବଲ ଖେଳାଳି ଭାବେ ଓଡ଼ିଶା ପୋଲିସ ଦଳରେ ଖେଳି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କ ବିୟୋଗ କ୍ରୀଡା ଜଗତର ଏକ ଅପୂରଣୀୟ କ୍ଷତି ବୋଲି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଛାତ୍ର ସଂସଦର ସାଂସ୍କୃତିକ ସଭାପତି ବିଶ୍ୱନାଥ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ରବୀନ୍ଦ୍ର ମହାକୁଡ଼, ଉପସଭାପତି ଗୋକୁଳାନନ୍ଦ ପଣ୍ଡା, ସହସମ୍ପାଦକ ଗଙ୍ଗାଧର ଦଳାଇ ପ୍ରମୁଖ ସହଯୋଗ କରିଥିଲେ।

## ବିର୍ଲା ଟାୟାର୍ସ ପ୍ରତିଷ୍ଠାତାଙ୍କ ଜୟନ୍ତୀ ପାଳିତ

**ବାଲେଶ୍ୱର ଅଫିସ, ୧୨।୧**

ବିର୍ଲା ଟାୟାର୍ସର ପ୍ରତିଷ୍ଠାତା ତଥା ବି.କେ. ବିର୍ଲା ଗ୍ରୁପ ଅଫ୍ କମ୍ପାନୀର ପୂର୍ବତନ ଅଧ୍ୟକ୍ଷ ବସନ୍ତ କୁମାର ବିର୍ଲାଙ୍କର ୯୯ତମ ଜୟନ୍ତୀ ରବିବାର ପାଳିତ ହୋଇଛି। ଏହି ଅବସରରେ ବାଲେଶ୍ୱର ଜିଲା କୁରୁଡ଼ାସ୍ଥିତ ନିର୍ମଳା ଶିଶୁଭବନ ପରିସରରେ ସମସ୍ତ ଶିଶୁଙ୍କୁ ଆବଶ୍ୟକ ଖାଦ୍ୟ, ପୋଷାକ ଏବଂ ଡାଇପର ବଣ୍ଟନ କରାଯାଇଥିଲା। ଶିଶୁ ଭବନରେ ବିଦ୍ୟୁତ ବିଭ୍ରାଟର ସ୍ଥାୟୀ ବିକଳ୍ପ ବ୍ୟବସ୍ଥା ମଧ୍ୟ କରାଯାଇଛି। ଶିଶୁଭବନର ସମସ୍ତ ଶିଶୁଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ବାଲେଶ୍ୱର ଶିଶୁ ସୁରକ୍ଷା ଅଧିକାରୀ ଯୁବକ ମାଝି, ଚେୟାରପର୍ସନ ସିଡବ୍ଲ୍ୟୁସି ଭାଗିରଥୀ ବାରିକ, ଶିଶୁଭବନର ତତ୍ତ୍ୱାବଧାରିକା ସିଷ୍ଟର ଗ୍ରେସିୟାନା ଏବଂ ବିର୍ଲା ଟାୟାର୍ସ କାରଖାନା ମୁଖ୍ୟ ଭି.ବି. ପାଟିଲ, ମାନବ ସମ୍ବଳ ମୁଖ୍ୟ ଦେବେନ୍ଦ୍ର କୁମାର ଧଳ, ପିଆରଓ ରାଜେନ୍ଦ୍ର କୁମାର ସେନାପତି ଅଂଶଗ୍ରହଣ କରିଥିଲେ।

ପୂର୍ବାହ୍ନରେ ବସ୍ତା ବ୍ଲକ ମଥାନୀଠାରେ ଅବସ୍ଥିତ ମାଗୁଣି ଚରଣ ବାଳାଶ୍ରମର ଅନ୍ତେବାସୀମାନଙ୍କ ସହିତ ଏହି ଜୟନ୍ତୀ ପାଳନ ହୋଇଯାଇଛି। ବାଳାଶ୍ରମ ଅନ୍ତେବାସୀଙ୍କ ମଧ୍ୟରେ ବି.କେ. ବିର୍ଲାଙ୍କର ଜୀବନୀ ଉପରେ ବକ୍ତୃତା ପ୍ରତିଯୋଗିତା ହୋଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥଲା। ଏଠାରେ ରହୁଥିବା ଅନ୍ତେବାସୀମାନଙ୍କର ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଯାଞ୍ଚ କାରଖାନାର ଡା. ବଳଭଦ୍ର ଦୀପ କରିଥିଲେ। ଶେଷରେ ସମସ୍ତ ଅନ୍ତେବାସୀଙ୍କୁ ରନ୍ଧା ଖାଦ୍ୟ ଦ୍ୱାରା ବଣ୍ଟନ କରାଯାଇଥିଲା। ବିର୍ଲା ଟାୟାର୍ସ ତରଫରୁ ସୁତାନୁ ସାହୁ, ପ୍ରଶାନ୍ତ ମହାପାତ୍ର, କ୍ଷୀତିଶ ଓଝା, ସାହିଦ୍ ହୁସେନ, ସଞ୍ଜୀବ ମଲିକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ବିର୍ଲା ଟାୟାର୍ସର ପ୍ରତିଷ୍ଠାତାଙ୍କ ଜୟନ୍ତୀ ପାଳିନ ଅବସରରେ ଉପସ୍ଥିତ ଅତିଥି।

## ଗଠନ ହେଲା ବାଜପେୟୀ ସ୍ମୃତି କମିଟି

**୫ ହଜାର ପରିବାରକୁ କମ୍ବଳ, ବସ୍ତ୍ର ବଣ୍ଟନ**

**ବାଲେଶ୍ୱର ଅଫିସ, ୧୨।୧:** ବାଲେଶ୍ୱର ଜିଲାରେ ବାଜପେୟୀ ସ୍ମୃତି କମିଟି ଗଠନ କରାଯାଇଛି। ରବିବାର ପୂର୍ବାହ୍ନରେ ସ୍ଥାନୀୟ ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ବାଜପେୟୀଙ୍କୁ ଭଲ ପାଉଥିବା ଲୋକମାନଙ୍କୁ ନେଇ ଗଠନ ହୋଇଥିବା ସ୍ମୃତି କମିଟି ପକ୍ଷରୁ ଜିଲାପରିଷଦ ସଦସ୍ୟ ସୁଧାଂଶୁ ପଣ୍ଡାଙ୍କୁ ସଭାପତି ଭାବେ ସର୍ବସମ୍ମତିକ୍ରମେ ଦାୟିତ୍ୱ ଅର୍ପଣ କରାଯାଇଛି।

ଏକ୍ୱାଟିକ ଫିଡ୍ ଡିଲର୍ସ ଆସୋସିଏଶନ୍ ଓଡ଼ିଶା ସହାୟତାରେ ପରମିଟ୍ ଫିଲ୍ଡରେ ସ୍ଥାନୀୟ ୨୭ଶହ ଗରିବ, ଅସହାୟ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ସଂଗ୍ରାମ ଦାସ, ତୁଷାରକାନ୍ତି ପଣ୍ଡା, ଅଭୟ କୁମାର ମହାପାତ୍ର, ମୈଲୁନ ଇସଲାମ୍, ଜ୍ଞାନରଞ୍ଜନ ଦାସ, ଦିଲୀପ କୁମାର ସାହୁ, ବିଜୟ କୁମାର ପାଣି ପ୍ରମୁଖ ଉପସ୍ଥିତ ରହି ବଣ୍ଟନ କରିଥିଲେ। ଅପରାହ୍ନରେ ଚନ୍ଦ୍ରଲୋକ ଏକ୍ୱା ସେଲ୍ସ ସହାୟତାରେ ଚାନ୍ଦିପୁର ଅଞ୍ଚଳରେ ୩୨ଶହ ଆଦିବାସୀ ପରିବାର ଲୋକଙ୍କୁ କମ୍ବଳ, ଶାଢ଼ୀ ଏବଂ ଆଦିବାସୀ ପରମ୍ପରା ବସ୍ତ୍ର ବଣ୍ଟନ କରାଯାଇଥିବା ଅନୁଷ୍ଠାନର ସଦସ୍ୟ ପର୍ଶୁରାମ ବେହେରା ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନନିଗୋପାଲ ଦାସ, ସନ୍ଦିପ୍ତ ସାହୁ, ଆଦିତ୍ୟ ବାଗ୍ ଶଶୀକାନ୍ତ ସ୍ୱାଇଁଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ବିଶିଷ୍ଟ ଲୋକ ସଦସ୍ୟତା ଗ୍ରହଣ କରିଥିଲେ।



ଗରିବ ଓ ଅସହାୟମାନଙ୍କୁ କମ୍ବଳ ବଣ୍ଟାଯାଉଛି।

## 'ଆଧୁନିକ ଓଡ଼ିଆ କବିତା କ୍ଷେତ୍ରରେ ବ୍ରଜନାଥ ଏକ ଶ୍ରଦ୍ଧାଶୀଳ ଉଚ୍ଚାରଣ'

**ବାଲେଶ୍ୱର ଅଫିସ, ୧୨।୧**

- ଜୟନ୍ତୀ ସମାରୋହ ସାଙ୍ଗକୁ ବିଶ୍ୱତାରା ଓଡ଼ିଆ ଗବେଷଣା ଗ୍ରନ୍ଥାଗାରର ପ୍ରତିଷ୍ଠା ଦିବସ ପାଳିତ
- ଡ. ନିତ୍ୟାନନ୍ଦ ଶତପଥୀଙ୍କୁ 'ବ୍ରଜନାଥ ରଥ ସାରସ୍ୱତ ସମ୍ମାନ, କବି କୁମାର ହସନ୍‌ଙ୍କୁ 'ବ୍ରଜନାଥ ରଥ ସ୍ମୃତି ସମ୍ମାନ ପ୍ରଦାନ

ବାଲେଶ୍ୱର ସୁନହଟରେ 'କବି ବ୍ରଜନାଥ ରଥ ଫାଉଣ୍ଡେଶନ ଟ୍ରଷ୍ଟ' ପକ୍ଷରୁ କବି ବ୍ରଜନାଥ ରଥଙ୍କ ୮୫ତମ ଜୟନ୍ତୀ ଓ ବିଶ୍ୱତାରା ଓଡ଼ିଆ ଗବେଷଣା ଗ୍ରନ୍ଥାଗାରର ତ୍ରୟୋଦଶ ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଯାଇଛି। ବିଶିଷ୍ଟ ସାହିତ୍ୟିକ ତଥା ଅବସରପ୍ରାପ୍ତ ପ୍ରଶାସକ ରବିନାରାୟଣ ସେନାପତି ଉଦ୍‌ଘାଟକ ଭାବେ ଯୋଗଦେଇ କହିଥିଲେ, କବି ରଥ ଥିଲେ ତାଙ୍କ ପାଇଁ ପ୍ରେରଣାର ଅନନ୍ୟ ସ୍ରୋତ। ତାଙ୍କ ପ୍ରେରଣାରେ ସେ ଓଡ଼ିଆ ସାହିତ୍ୟରେ ପ୍ରବେଶ କରିଥିଲେ। ଏଥିଲାଗି ସେ ଏହି ମହାନ୍ ସାରସ୍ୱତ ସାଧକଙ୍କୁ ଶ୍ରେୟ ପ୍ରଦାନ କରୁଛନ୍ତି ବୋଲି କହିଥିଲେ। ଉତ୍ସବରେ ପୌରୋହିତ୍ୟ କରିଥିଲେ ଟ୍ରଷ୍ଟର ଉପଦେଷ୍ଟା ବିଶିଷ୍ଟ ଗବେଷିକା ଡ. ନିବେଦିତା ମହାନ୍ତି। ସେ ତାଙ୍କ ବକ୍ତବ୍ୟରେ କହିଥିଲେ, ସ୍ୱାଧୀନତା ପରବର୍ତ୍ତୀ ଆଧୁନିକ ଓଡ଼ିଆ କବିତା କ୍ଷେତ୍ରରେ କବି ରଥ ଏକ ଶ୍ରଦ୍ଧାଶୀଳ ଉଚ୍ଚାରଣ। ତାଙ୍କ କବିତାରେ ଉଭୟ ସମାଜ ଓ ମଣିଷ ଜୀବନର ଜୀବନ୍ତ ଚିତ୍ର ଫୁଟି ଉଠିଥିଲା। ସେ ସାମାନ୍ୟ ଭିତରେ ଅସାମାନ୍ୟ ଜୀବନ ଦର୍ଶନକୁ ପାଠକଙ୍କ ସମ୍ମୁଖରେ ତୋଳି ଧରିଥିଲେ।

କବି କାଳୀପଦ ପଣ୍ଡା ସମାରୋହର ପ୍ରାକ୍ ସୂଚନା ପ୍ରଦାନ କରିଥିଲେ। ବ୍ରହ୍ମନାଥ ରଥ ମଞ୍ଚ ଆହ୍ୱାନ କରିଥିଲେ। ସମ୍ମାନୀୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଡ. ବିଜୟାନନ୍ଦ ସିଂହ ଓ ବିଶିଷ୍ଟ ଅତିଥି ଭାବେ ପ୍ରାକ୍ତନ ଏମ୍‌ପି ଐରଖାରବେଳ ସ୍ୱାଇଁ ଯୋଗଦେଇ ବ୍ରଜନାଥ ରଥଙ୍କର ସାହିତ୍ୟ ତଥା ଜୀବନାଦର୍ଶ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରଫେସର ଡ. ନିତ୍ୟାନନ୍ଦ ଶତପଥୀଙ୍କୁ 'ବ୍ରଜନାଥ ରଥ ସାରସ୍ୱତ ସମ୍ମାନ-୨୦୨୦' ଏବଂ କବି କୁମାର ହସନ୍‌ଙ୍କୁ 'ବ୍ରଜନାଥ ରଥ ସ୍ମୃତି ସମ୍ମାନ-୨୦୨୦' ପ୍ରଦାନ କରାଯାଇଥିଲା। କାଳୀକିଙ୍କର ଦାସଙ୍କ ଶିଶୁ କିଶୋରଧର୍ମୀ ଗଳ୍ପ ପୁସ୍ତକ 'କୁନିମାର ପାଠାଗାର' ଲୋକାର୍ପିତ ହୋଇଥିଲା। ଶେଷରେ ମନସ୍ୱିନୀ ଦେବୀ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବହୁ କବି, ଲେଖକ, ପାଠକଙ୍କ ସମେତ ସହରର ଅନେକ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।



କବି ବ୍ରଜନାଥ ରଥଙ୍କ ଜୟନ୍ତୀ ସମାରୋହରେ ଉପସ୍ଥିତ ଅତିଥି।

## ସଂକ୍ଷେପରେ

### ସମବାୟ ପରିଚାଳନା ପରିଷଦ ବୈଠକ
### ଧାନ କ୍ରୟ, ନୂତନ ଗୃହ ନିର୍ମାଣ ନେଇ ଆଲୋଚନା

**ଭଣ୍ଡାରିପୋଖରୀ,୧୨।୧(ଡି.ଏନ.ଏ.)-** ବାଲେଶ୍ୱର-ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଶାଖାର ସରସଦା ପ୍ରାଥମିକ କୃଷି ସେବା ସମବାୟ ସମିତିରେ ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ଦେବେନ୍ଦ୍ର ନାଥ ଧଳ ସଭାପତିତ୍ୱ କରିଥିଲେ। ଚଳିତ ଖରିଫ ଧାନ କ୍ରୟ ଓ ସମିତିର ନୂତନ ଗୃହ ନିର୍ମାଣ ସମ୍ପର୍କରେ ଆଲୋଚନା ହୋଇଥିଲା। ସମିତିର ଆୟବ୍ୟୟ ସମ୍ପର୍କରେ ସମ୍ପାଦକ ବିରଞ୍ଚି ନାରାୟଣ ରାଉତ ସୂଚନା ଦେଇଥିଲେ। ପରିଚାଳନା ପରିଷଦ କମିଟି ସଦସ୍ୟ ରତ୍ନାକର ଦାସ, ପ୍ରଦ୍ୟୁମ୍ନ ବେଜ, ଚନ୍ଦ୍ରମଣି ପରିଡ଼ା, ରତ୍ନାକର ଜେନା, ସୂର୍ଯ୍ୟମଣି ରାଉତ, ପଞ୍ଚାନନ ଜେନା, ସଦସ୍ୟା ଶାନ୍ତିଲତା ସେନାପତି, ମଞ୍ଜୁଲତା ଭଞ୍ଜ ଓ ଜ୍ୟୋତ୍ସ୍ନାରାଣୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୧୭ରେ ସମିତି ସଭାପତିଙ୍କ କାର୍ଯ୍ୟକାଳ ପୂରି ଯାଉଥିବାରୁ ଆଗାମୀ ନିର୍ବାଚନ ପର୍ଯ୍ୟନ୍ତ ସଭାପତି ଧଳ ଅଫିସ କାର୍ଯ୍ୟର ତଦାରଖ କରିବେ ବୋଲି ସର୍ବସମ୍ମତିକ୍ରମେ ସ୍ଥିର ହୋଇଛି।

### ବିଦ୍ୟୁତ୍ ଖୁଣ୍ଟ ଭଙ୍ଗା ଅଭିଯୋଗ
### ୪ ଜଣଙ୍କ ନାଁରେ ମାମଲା

**ଭଣ୍ଡାରିପୋଖରୀ,୧୨।୧(ଡି.ଏନ.ଏ.)-** ଭଣ୍ଡାରିପୋଖରୀ ଥାନା ଅଧୀନ ରଣଜିତ ପଞ୍ଚାୟତ ସିମିଳିଆ ଗ୍ରାମରେ ନେସ୍କୋ ପକ୍ଷରୁ ନିୟୋଜିତ ଠିକାଦାରଙ୍କ ଦ୍ୱାରା କାମ ପାଇଁ ରଖାଯାଇଥିବା ସିମେଣ୍ଟରେ ତିଆରି ବିଦ୍ୟୁତ୍ ଖୁଣ୍ଟକୁ ଭାଙ୍ଗି ଦିଆଯାଇଛି। ଠିକାଦାର ସୁନୀଲ ଶତପଥୀ ଏ ନେଇ ଶନିବାର ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିଛନ୍ତି। ଗତ ମଙ୍ଗଳବାର ମଧ୍ୟାହ୍ନରେ ଉକ୍ତ ଗ୍ରାମର ୪ ଜଣ ବ୍ୟକ୍ତି ଗୋଟିଏ ସିମେଣ୍ଟ ଖୁଣ୍ଟକୁ ସମ୍ପୂର୍ଣ୍ଣ ଓ ଅନ୍ୟ ୩ଟିକୁ ଆଂଶିକ ଭାଙ୍ଗି ଦେଇଥିବା ଠିକାଦାର ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ଏକ ମାମଲା (ନଂ.୭/୨୦) ରୁଜୁ କରି ତଦନ୍ତ ଚଳାଇଛି।

### ସଡ଼କ ସୁରକ୍ଷା ସଚେତନତା

**ବନ୍ତ,୧୨।୧(ଡି.ଏନ.ଏ.)-**ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ବନ୍ତ ପୋଲିସ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ମାଧମରେ ଲୋକଙ୍କୁ ସଚେତନତା କରାଯାଇଛି। ଥାନାଧିକାରୀ ମୀନା ବିନ୍ଧାଣୀଙ୍କ ତତ୍ତ୍ୱାବଧାନରେ କର୍ମଚାରୀ ସତ୍ୟ ଭୂୟାଁ, ଗୌରାଙ୍ଗ ବାଗୁଡି, ପ୍ରକାଶ ଜେନା, ଲକ୍ଷ୍ମଣ ରାଉତ, ପାନମଣି ସୋରେନ, ଚମ୍ପା ହେମ୍ବ୍ରମଙ୍କ ସମେତ ଏକ ଟିମ୍ ବନ୍ତ, ବସନ୍ତିଆ ଓ ଷେଣ୍ଡତିରା ବଜାରଠାରେ ସୁସଜ୍ଜିତ ରଥ ସହିତ ନୃତ୍ୟ ସଙ୍ଗୀତ ପରିବେଷଣ କରି ଲୋକଙ୍କୁ ଟ୍ରାଫିକ ନିୟମ ଓ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ କରାଇଥିଲେ। ଗାଡ଼ି ଚଳାଇବା ସମୟରେ ହେଲ୍‌ମେଟ ଓ ସିଟ୍‌ବେଲ୍ଟ ବ୍ୟବହାର, ମୋବାଇଲ ଫୋନ ବ୍ୟବହାର ନ କରିବା, ନିଶାସକ୍ତ ଅବସ୍ଥାରେ ଗାଡ଼ି ଚାଳନା ନ କରିବାକୁ କୁହାଯାଇଥିଲା।

### ମଦ ଜବତ: ଜଣେ ଗିରଫ

**ପଦ୍ମପୁର,୧୨।୧(ଡି.ଏନ.ଏ.)-**ବାସୁଦେବପୁର ଥାନା ପୋଲିସ ପଦ୍ମପୁର ବଜାର ନିକଟରୁ ଜଣେ ଯୁବକ ବାଇକ୍‌ରେ ଚୋରାମଦ ନେଇ ଯାଉଥିବାବେଳେ ଦେଶୀମଦ ଜବତ କରିଛି। ଏଥିସହ ବାଇକ୍ ଚାଳକଙ୍କୁ ପୋଲିସ ଗିରଫ କରିଛି। ଗିରଫ ଯୁବକ ହେଲେ ଭଦ୍ରକ ଗ୍ରାମାଞ୍ଚଳ ଥାନା ସାବରଙ୍ଗର ଭର୍ତ୍ତୃହରି ରାଉତ। ଏ ନେଇ ବାସୁଦେବପୁର ଥାନାରେ ଏକ ମାମଲା (ନଂ.୭/୨୦) ରୁଜୁ ହୋଇଛି। ଏହି ଘଟଣାରେ ଅନ୍ୟ ଜଣେ ଯୁବକ ଫେରାର ଥିବା ପୋଲିସ ସୂଚନା ଦେଇଛି।

# ଅଧାରୁ ଅଟକିଛି ଡ୍ରେନେଜ କାମ

**ବନ୍ତ, ୧୨।୧(ଡି.ଏନ.ଏ.)**

- ଯାତାୟାତରେ ସମସ୍ୟା ଭୋଗୁଛନ୍ତି ଲୋକେ
- ଖାଲଖମା ଯୋଗୁ ଘଟୁଛି ଦୁର୍ଘଟଣା

ଭଦ୍ରକ-ଆନନ୍ଦପୁର ୫୩ ନଂ. ରାଜ୍ୟ ରାଜପଥର ବନ୍ତ ବଜାର ରାସ୍ତାପାର୍ଶ୍ୱ ଡ୍ରେନେଜ କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ରହିଛି। ଏଥିଯୋଗୁ ଲୋକେ ଯାତାୟାତରେ ସମସ୍ୟା ଭୋଗୁଛନ୍ତି। ପ୍ରକାଶ ଯେ, ଗତ କିଛିମାସ ତଳେ ରାଜ୍ୟ ରାଜପଥର ବନ୍ତ ବ୍ଲକ ଛକଠାରୁ ଟିଲୋ କେନାଲ ଛକ ପର୍ଯ୍ୟନ୍ତ ରାସ୍ତାପାର୍ଶ୍ୱରେ ଡ୍ରେନେଜ୍ ବ୍ୟବସ୍ଥା ସହ ଆଲୋକୀକରଣ ପାଇଁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ସେହି ଅନୁଯାୟୀ ବିଶ୍ୱବ୍ୟାଙ୍କ ଅନୁଦାନରେ ରାଜ୍ୟ ରାଜପଥ ନିର୍ମାଣ କାର୍ଯ୍ୟ ଦାୟିତ୍ୱରେ ଥିବା କମ୍ପାନୀକୁ ଡ୍ରେନେଜ୍ ନିର୍ମାଣ ଦାୟିତ୍ୱ ଦିଆଯାଇଥିଲା। ଉକ୍ତ କମ୍ପାନୀ ରାଜପଥର ଦକ୍ଷିଣପାର୍ଶ୍ୱ ରାସ୍ତାକୁ ବନ୍ତ ଥାନା ଛକଠାରୁ କେନ୍ଦୁଆପଦା ଛକ ପର୍ଯ୍ୟନ୍ତ ଡ୍ରେନେଜ୍ ନିର୍ମାଣ ଲାଗି ଖୋଳିଥିଲା। ଏହାମଧ୍ୟରେ ୨ ମାସ ବିତିଯାଇଥିଲେ ମଧ୍ୟ ଡ୍ରେନେଜ୍ କାର୍ଯ୍ୟ ଆଗେଇ ପାରୁନାହିଁ। ରାସ୍ତାପାର୍ଶ୍ୱରେ ନାଳ ଖୋଳା ଯାଇଥିବାରୁ ସାଧାରଣ ଲୋକେ ଯିବାଆସିବା କରିବାରେ ହଇରାଣ ହେଉଛନ୍ତି। ଏପରି କି ଖାଲ ଯୋଗୁ ବହୁ ସମୟରେ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ଖୋଳା ଯାଇଥିବା ସ୍ଥାନ ବଜାର ଅଞ୍ଚଳ ହୋଇଥିବାରୁ ଏହାର ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରାଯିବାକୁ ସାଧାରଣ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ଉକ୍ତ କମ୍ପାନୀର ପ୍ରକଳ୍ପ ପରିଚାଳକଙ୍କୁ ପଚାରିବାରୁ ଡ୍ରେନେଜ୍ ପାଇଁ ରାସ୍ତାପାର୍ଶ୍ୱକୁ ଖୋଳାଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ରାସ୍ତା ପ୍ରଶସ୍ତୀକରଣ ନିମନ୍ତେ ନିର୍ଦ୍ଦେଶ ହେବାରୁ ଡ୍ରେନେଜ୍ କାର୍ଯ୍ୟ ଅଧାରୁ ଅଟକିଛି ବୋଲି କହିଛନ୍ତି।



ବନ୍ତ ବଜାର ଅଞ୍ଚଳରେ ଡ୍ରେନ୍ ନିର୍ମାଣ ପାଇଁ ମାଟି ଖୋଳାଯାଇଛି।

# 'ଶିକ୍ଷା ଜୀବନର ଶ୍ରେଷ୍ଠ ସମ୍ବଳ'

**ଭଦ୍ରକ ଅଫିସ, ୧୨।୧**

ଜୀବନରେ ଲକ୍ଷ୍ୟ ନିର୍ଦ୍ଦିଷ୍ଟ ହେବା ଉଚିତ। ସ୍ୱପ୍ନ ନ ରହିଲେ ଆମେ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବା ନାହିଁ। କେବଳ ଗୁଣାତ୍ମକ ଶିକ୍ଷା ଓ ବୌଦ୍ଧିକ ଜ୍ଞାନ ଦ୍ୱାରା ଏହା ସମ୍ଭବ ହୋଇପାରିବ। ଶିକ୍ଷା ମଣିଷ ଜୀବନର ସର୍ବଶ୍ରେଷ୍ଠ ସମ୍ବଳ ବୋଲି ଭଦ୍ରକ ସାମରାଇପୁରସ୍ଥିତ ବିନାୟକ ବିଦ୍ୟାମନ୍ଦିର ୨ୟ ବାର୍ଷିକ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପ୍ରଧାନଶିକ୍ଷକ ଅନନ୍ତ କିଶୋର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବାରିକପୁର ପଞ୍ଚାୟତ ଡିଗ୍ରୀ କଲେଜ ପୂର୍ବତନ ଅଧ୍ୟକ୍ଷ ତଥା ଯୁକ୍ତ ୨ ବିନାୟକ ଆବାସିକ ମହାବିଦ୍ୟାଳୟର ନିର୍ଦ୍ଦେଶକ ମନୋଜ ପାଢ଼ୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଛାତ୍ରୀଛାତ୍ରଙ୍କ ଚରିତ୍ର ଗଠନ, ଗୁରୁଜନ ଭକ୍ତି ଓ ଭଗବତ୍ ଜ୍ଞାନ ସମ୍ବନ୍ଧରେ ଉଦ୍‌ବୋଧନ ଦେଇଥିଲେ। ଯୁକ୍ତ ୨ ବିନାୟକ ଆବାସିକ ମହାବିଦ୍ୟାଳୟର ଅନ୍ୟତମ ନିର୍ଦ୍ଦେଶକ ଜୀବନାନନ୍ଦ ପାଣିଗ୍ରାହୀ ଓ ବିନାୟକ ଡିଗ୍ରୀ କଲେଜର ଅଧ୍ୟକ୍ଷ ପ୍ରମୋଦ ରାଉତ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ବିନାୟକ ଲିଟେରାରୀ ଟ୍ରଷ୍ଟର ସମ୍ପାଦକ ପ୍ରଦୀପ ପଣ୍ଡା ବାର୍ଷିକ ବିବରଣୀ ପାଠ ଓ ସଭାପତି ସୁଶୀଲ ପଣ୍ଡା ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଅଣ୍ଡାଇପଲ୍ଲୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସଦାନନ୍ଦ ପତି, ଟ୍ରଷ୍ଟ ସଭ୍ୟ ଶୁଭମ ପଣ୍ଡା ଓ ସବ୍ୟସାଚୀ ପାଢ଼ୀ ଯୋଗ ଦେଇଥିଲେ। ଶିକ୍ଷକ ପ୍ରିୟବ୍ରତ ଭାରତୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି କୃତୀ ଛାତ୍ରୀଛାତ୍ର।

# ଦିବ୍ୟାଙ୍ଗମାନେ ଅକ୍ଷମ ନୁହନ୍ତି





କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

**ଭଦ୍ରକ ଅଫିସ,୧୨।୧**

ଭଦ୍ରକର ସାମାଜିକ ଅନୁଷ୍ଠାନ ଶହୀଦ ଭଗତସେନା ପକ୍ଷରୁ ରବିବାର ଚରମ୍ପାଠାରେ ବିବେକାନନ୍ଦ ଜୟନ୍ତୀ ଓ ଜାତୀୟ ଯୁବଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରାୟ ୩୫୦ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ନେଇ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଭଗତସେନାର ମୁଖ୍ୟ ଆବାହକ ସୀତାଂଶୁ ଶେଖର ମହାପାତ୍ରଙ୍କ ସଂଯୋଜନାରେ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲା ଦୌରାଜଜ୍ ଶିଶିର କୁମାର ରଥ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ଅବସରରେ ଦିବ୍ୟାଙ୍ଗମାନେ ଅକ୍ଷମ ନୁହନ୍ତି ସକ୍ଷମ ବୋଲି କହି ସେମାନଙ୍କୁ ସାମୂହିକ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଅନ୍ୟତମ ଅତିଥି ପବନ ଶର୍ମା, ସୀତାଂଶୁ ଦାସ, ମନୋଜ ରାୟ ପ୍ରମୁଖ ଯୋଗ ଦେଇଥିଲେ। ଭଗତସେନାର ଯୁବ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ସାହିତ୍ୟ ପାଠଚକ୍ର

**ଧାମନଗର,୧୨।୧(ଡି.ଏନ.ଏ.)**

ଧାମନଗର ମହାବିଦ୍ୟାଳୟରେ ଯୁକ୍ତ ୩ ଓଡ଼ିଆ ସମ୍ମାନ ବିଭାଗରେ ଏକ ସାହିତ୍ୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ବୀଣାପାଣି ମହାନ୍ତିଙ୍କ ଗଳ୍ପରେ ସମାଜର ଚିତ୍ର ଶୀର୍ଷକରେ ଆଲୋଚନାଚକ୍ର ହୋଇଥିଲା। ଅଧ୍ୟକ୍ଷ ସୁରଞ୍ଜନ ପଣ୍ଡା ଉଦ୍‌ଘାଟନ କରିଥିଲେ। ବିଭାଗ ମୁଖ୍ୟ ଡ. ପ୍ରଶାନ୍ତ ପରିଡ଼ାଙ୍କ ଅଧ୍ୟକ୍ଷତାରେ ପ୍ରାଧ୍ୟାପକ ସମୀର ହୁଇ, ଆଶିଷ ସ୍ୱାଇଁ, ପ୍ରଶାନ୍ତ ନାୟକ, ମନୋଜ କର, କଲ୍ୟାଣୀ ଦାସ, ସଙ୍ଗୀତା ନାୟକ, ସ୍ମରଣିକା ପ୍ରଧାନ, ବାସ୍ତବିକା ଦାସ, ଆଶୀର୍ବାଦ ମହାନ୍ତି, ପ୍ରକାଶ ମହାପାତ୍ର ଓ ବିନାୟକ ସାହୁ ଅଂଶଗ୍ରହଣ କରିଥିଲେ। ହରପ୍ରିୟା ସେଠୀ ଅତିଥି ପରିଚୟ ଦେଇଥିଲେ। ସସ୍ମିତା ବାରିକ ପରିଚାଳନା କରିଥିଲେ।

# ଅବହେଳିତଙ୍କ ସେବାରେ ବିନିଯୋଗ ହେଉ ଯୁବଶକ୍ତି

**ତିହିଡ଼ି,୧୨।୧(ଡି.ଏନ.ଏ.)**

ତିହିଡ଼ି ଯୁବଶକ୍ତି ପକ୍ଷରୁ ରବିବାର ବିବେକାନନ୍ଦଙ୍କ ଜୟନ୍ତୀ ତଥା ରାଷ୍ଟ୍ରୀୟ ଯୁବ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ କାଳୀପଡ଼ିଆସ୍ଥିତ ବାସନ୍ତୀ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ସଭାରେ ଯୁବଶକ୍ତିର ଆବାହକ ଆଇନଜୀବୀ ସତ୍ୟସୁନ୍ଦର ପତି ପୌରୋହିତ୍ୟ କରିଥିଲେ। ଅତିଥି ଭାବେ ସାମାଜିକ କର୍ମୀ ରଞ୍ଜୁଲତା ଗାହାଣ ଯୋଗଦେଇ ଅବହେଳିତଙ୍କ ସେବାରେ ଯୁବଶକ୍ତି ବିନିଯୋଗ ହେବା ଆବଶ୍ୟକ ବୋଲି କହିଥିଲେ। ସୟଦ ଇବ୍ରାହିମ, ଅଭିଜିତ ନାୟକ, ଦିଲୀପ ଦାସ ଓ ଦେବୀପ୍ରସାଦ ପତି ପ୍ରମୁଖ ଯୋଗଦେଇ ବିବେକାନନ୍ଦଙ୍କ ଆଦର୍ଶରେ ଯୁବକମାନେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ନାୟକ, ଚିନ୍ତାମଣି ମଲିକ, ଆଲୋକ ବିଶ୍ୱାଳ, ଦିବ୍ୟଦର୍ଶନ ଦାସ, ତାପସ ଦାସ, ରବିନାରାୟଣ ସେଠୀ ଓ ସୟଦ ବସିରୁଦ୍ଦିନ ବକ୍ତବ୍ୟ ପ୍ରଦାନ କରିଥିଲେ। ସମସ୍ତ କର୍ମକର୍ତ୍ତା ନିଶାଠାରୁ ଦୂରରେ ରହି ସମାଜ ସେବାରେ ବ୍ରତୀ ରହିବେ ବୋଲି ଶପଥ ନେଇଥିଲେ। ସଦସ୍ୟ ମାନସ ରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ।

# 'ବିବର୍ତ୍ତନ ହିଁ ବାସ୍ତବ ପ୍ରଗତି'

**ଭଣ୍ଡାରିପୋଖରୀ,୧୨।୧(ଡି.ଏନ.ଏ.)**

**ଯୁବ ମହୋତ୍ସବରେ ପ୍ରକୃତିପ୍ରେମୀ ନାରାୟଣଙ୍କୁ ସମ୍ବର୍ଦ୍ଧନା**

ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ପଞ୍ଚାୟତ ମୁଡ଼ାପଦା ଗ୍ରାମର ମହାବୀର ଯୁବକ ସଂଘ ଆନୁକୂଲ୍ୟରେ ବାର୍ଷିକ ଯୁବ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିନୋଦ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବକୁ ସରପଞ୍ଚ ଭାଗ୍ୟଶ୍ରୀ ଯେନା ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ପ୍ରଧାନଶିକ୍ଷକ ରବୀନ୍ଦ୍ର ମହାରଣା, ମୁଖ୍ୟବକ୍ତା କାର୍ତ୍ତିକ ଚନ୍ଦ୍ର ମହାରଣା, ଅନ୍ୟତମ ବକ୍ତା ବିଡିଓ ବନମାଳୀ ତରାଇ, ଅଧ୍ୟାପକ ଅନାଦି ଚରଣ ସାହୁ ଏବଂ ଅନ୍ୟତମ ଅତିଥି ଭାବେ ରମେଶ ପଣ୍ଡା, ମୀନକେତନ ବେଉରିଆ, ଏସ୍ ଶଶି କୁମାର, ଗୌରବ ଘୋଷ, ଯୋଗେଶ ସିଂହ, ବୈରାଗୀ କୁଅଁ, ମାନସ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷା ଦିଏ ଚେତନା। ଚେତନାର ରୂପ ନିଏ ବିବର୍ତ୍ତନ। ବିବର୍ତ୍ତନ ହିଁ ବାସ୍ତବ ପ୍ରଗତି। ଏହି ପ୍ରଗତିର ଧାରାରେ ଯୁବକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରକୃତିପ୍ରେମୀ ନାରାୟଣ ଚନ୍ଦ୍ର ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଞ୍ଚାୟତ ସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସୂର୍ଯ୍ୟକାନ୍ତ ବରାଳ ସ୍ୱାଗତ ଭାଷଣ, ପ୍ରମୋଦ ନାୟକ ଅତିଥି ପରିଚୟ ପ୍ରଦାନ, ସଂଘ ସମ୍ପାଦକ ଅକ୍ଷୟ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାପତି ଅବିନାଶ ନାୟକ ଧନ୍ୟବାଦ ଦେଇଥିଲେ। ଗାୟକ ପ୍ରଭୁପାଦ ଓ ଗାୟିକା ରାଜନନ୍ଦିନୀଙ୍କ ଦ୍ୱାରା ମେଲୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭଗବାନ ନାୟକ, ଗଦାଧର ଦାସଙ୍କ ସମେତ ସଂଘର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଉତ୍ସବରେ ପ୍ରକୃତିପ୍ରେମୀ ନାରାୟଣ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# 'ବିବେକାନନ୍ଦଙ୍କ ଆଦର୍ଶ ଅନୁସରଣୀୟ'

**ବାସୁଦେବପୁର,୧୨।୧(ଡି.ଏନ.ଏ.)**

ବାସୁଦେବପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପକ୍ଷରୁ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ଛାତ୍ରୀଛାତ୍ର ବିଦ୍ୟାଳୟ ପରିସରରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ବିବେକାନନ୍ଦଙ୍କ ଗୁଣଗାନ କରିଥିଲେ। ୩୭ ଛାତ୍ରୀଛାତ୍ର ନିଜକୁ ବିବେକାନନ୍ଦଙ୍କ ବେଶରେ ସୁସଜ୍ଜିତ କରିଥିବାବେଳେ ୩ ଛାତ୍ର ରାମକୃଷ୍ଣ ପରମହଂସ, ଶାରଦା ଦେବୀ, ଭାରତମାତା ବେଶରେ ସଜ୍ଜିତ ହୋଇଥିଲେ। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମଧୁସୂଦନ ଦାସ ଯୋଗଦେଇ ଭାରତବର୍ଷର ଆଧ୍ୟାତ୍ମିକ ଗୁରୁ ସ୍ୱାମୀ ବିବେକାନନ୍ଦଙ୍କ ନୀତି, ଆଦର୍ଶ ଅନୁସରଣୀୟ ବୋଲି କହିଥିଲେ। ଛାତ୍ରୀଛାତ୍ର ତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ସେ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ସାମାଜିକ କର୍ମୀ ଗଗନ ସେଠୀ ଓ ଅନ୍ୟତମ ଅତିଥି ଭାବେ ଶିକ୍ଷକ ବୃନ୍ଦାବନ ବାରିକ ଯୋଗ ଦେଇଥିଲେ। ସଭାପତି ସୁକାନ୍ତ ବାରିକ ସଭାରେ ପୌରୋହିତ୍ୟ କରିଥିଲେ। ପ୍ରଧାନଆଚାର୍ଯ୍ୟା ଅଞ୍ଜଳି ଦେବ ଗୋସ୍ୱାମୀ ପ୍ରାରମ୍ଭିକ ସୂଚନା ପ୍ରଦାନ ଓ ଶିକ୍ଷୟିତ୍ରୀ ରେବତୀ ନାୟକ ମଞ୍ଚ ସଂଯୋଜନା କରିଥିଲେ।





ପଦ୍ମପୁରଠାରେ ବିବେକାନନ୍ଦ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ର।

**ପଦ୍ମପୁର,(ଡି.ଏନ.ଏ.)-**ବାସୁଦେବପୁର ବ୍ଲକ ନାୟକାଣିଡିହୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ଛାତ୍ରୀଛାତ୍ର ବିବେକାନନ୍ଦ ଓ ଭାରତମାତାଙ୍କ ବେଶରେ ସଜ୍ଜିତ ହୋଇ ନଗର ପରିକ୍ରମା କରିଥିଲେ। ପ୍ରଧାନଆଚାର୍ଯ୍ୟା ମମତା ବାରିକ ପ୍ରଦୀପ ପ୍ରଜ୍ୱଳନ ସହ ସ୍ୱାମୀ ବିବେକାନନ୍ଦଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଙ୍ଗୀତ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ଶିକ୍ଷକ ମନୋଜ ଦାସ, ପ୍ରଶାନ୍ତ ମଳିକ ଓ ଶିକ୍ଷୟିତ୍ରୀ ପଦ୍ମାଳୟା ପାଢ଼ୀ, ସଂଯୁକ୍ତା ପାଢ଼ୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଧାମନଗର,(ଡି.ଏନ.ଏ.)-**ଧାମନଗର ବ୍ଲକ ଅସୁରାଳି ଶ୍ରୀ ବୈରାଗୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବିବେକାନନ୍ଦ ଜୟନ୍ତୀ ପାଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସଂଗ୍ରାମ କେଶରୀ ଦାସ, ମୁଖ୍ୟବକ୍ତା ଅମୂଲ୍ୟ ରାଉଳ ଓ ସମ୍ମାନିତ ଅତିଥି ଭାବେ କୃପାସିନ୍ଧୁ ନାୟକ ଯୋଗ ଦେଇଥିଲେ। ସହ ପ୍ରଧାନଆଚାର୍ଯ୍ୟା କାମିନୀଲତା ବେହେରା ଅତିଥି ପରିଚୟ ପ୍ରଦାନ ଓ ବର୍ଷା ପ୍ରିୟଦର୍ଶିନୀ ମିଶ୍ର ଏକକ ସଙ୍ଗୀତ ପରିବେଷଣ କରିଥିଲେ। ପରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଚାନ୍ଦବାଲି,(ଡି.ଏନ.ଏ.)-**ଚାନ୍ଦବାଲି ବ୍ଲକ ମତୋ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ବିବେକାନନ୍ଦ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଧ୍ୟ ଅନୁଷ୍ଠିତ ହୋଇଥିଲା। ପୀତବାସ ପୁହାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଶିକ୍ଷକନେତା ନବଘନ ସାମଲ ମୁଖ୍ୟଅତିଥି ଓ ଶିକ୍ଷାବିତ୍ ବୈକୁଣ୍ଠ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିବେକାନନ୍ଦଙ୍କ ଜୀବନୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ବାର୍ଷିକ କ୍ରୀଡ଼ାରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅଭୟ ପାଣିଗ୍ରାହୀ, ଶ୍ରୀଧର ବେହେରାଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

[Continued from previous page]

# ଦ୍ୱିତୀୟ ଭାଷା ଇଂରାଜୀ (SECOND LANGUAGE ENGLISH)

(OR)

Govt. Boys' High School
Talcher, 8th October 2019

To
The Headmaster
Govt. Boys' High School, Talcher
(Through the class teacher)

Sub : Request to allow to a friendly cricket match.

Sir,

With profound honour I beg to inform you that I am Rakesh Sahu, a student of Class X. The students of our class want to have a friendly cricket match with the rest of the students of our school. We have discussed about it with the monitors of all the other classes and they have agreed to our proposal. We have also consulted the physical education teacher of our school. He has already given his consent for the match. We have proposed to hold the match next Sunday.

Therefore, on behalf of the students of Class X, I request you to allow us to hold the match so that we shall remain ever grateful to you.

Yours faithfully,
**Rakesh Sahu**
Student of Class-X

**14. Title :** Computer

Computer are very useful machines. They can do more things in less time as compared to people. Since they have replaced people, in future it will be difficult for people to find job. Computers can't take decision as they don't have mind. Only people can use the stored information and get result from it. We can't now imagine a world without computers.

(OR)

Chandikhole, Jajpur
25 September, 2019

To
The Editor,
The Times of India, Bhubaneswar.

**A Road Accident on the National Highway at Chandikhole**

Today a severe road accident took place on the National Highway at Chandikhole at about 4 p.m. A passenger bus coming from Jajpur Town collided with a Hero Honda Motorcycle just at the Chandikhole square. The rider and other occupant of the bike were killed at the spot. It so happened as the driver of bus was attending a call on his mobile phone. Traffic came to a halt after the accident. But the timely arrival and interference of the N.H. Police made the situation normal.

***Santosh Mishra***
Reporter

**15.** (i) There were eight servants at Akbar's palace. One of them helped Akbar get ready to go to the court everyday.

(ii) One day Akbar wanted to wear his favourite ring.

(iii) Akbar was very angry because he felt that one of his eight servants had stolen his favourite ring.

(iv) Akbar sent for Birbal and asked him to find the thief.

(v) About the sticks Birbal told the eight servants that the thief's stick would become longer by as much as the length of a finger that night.

❑❑❑

## ସଂକ୍ଷେପରେ

### ମହିମା ମଠ ପରିଦର୍ଶନ କଲେ ଏମ୍‌ପି

ଝାରପୋଖରୀଆ, ୧୨।୧(ଡି.ଏନ୍.ଏ.): ସାରସକଣା ବ୍ଲକ ଅଧିନସ୍ଥ ଶୀର୍ଷାଠାରେ ଥିବା ବହୁ ପୁରାତନ ମହିମା ମଠକୁ ମୟୂରଭଞ୍ଜ ଏମ୍‌ପି ଇଂ. ବିଶ୍ୱେଶ୍ୱର ଟୁଡୁ ପରିଦର୍ଶନ କରିଛନ୍ତି। କୌପିନୀଧାରୀ ମହିମା ଧର୍ମାବଲମ୍ବୀଙ୍କ ଏହି ମଠ ଅବହେଳିତ ଅବସ୍ଥାରେ ଥିବା ଜାଣିବା ପରେ ଏମ୍‌ପି ଟୁଡୁ ଏଠାକୁ ଆସି ମଠର ବାବା ବିଦ୍ୟାଧରଙ୍କ ସହ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟ ସରକାର ଓ ଜିଲା ପ୍ରଶାସନ ସହ ଆଲୋଚନା କରି ଏହି ମଠର ଉନ୍ନତି ପାଇଁ ପଦକ୍ଷେପ ଗ୍ରହଣ କରିବେ ବୋଲି ସେ କହିଥିଲେ।

### ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର

ଠାକୁରମୁଣ୍ଡା,୧୨।୧(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା-ତାଳପଦା ରାସ୍ତାର ମୁକୁନ୍ଦିଆପୋଡ଼ା ଛକ ନିକଟରେ ରବିବାର ସନ୍ଧ୍ୟାରେ ଏକ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ପାଟଣା ଥାନା ଅଧୀନ ଟାଙ୍ଗରପୋଡ଼ା ପଞ୍ଚାୟତ ଅନ୍ତର୍ଗତ ବାଦୁଡିଘେରା ଗ୍ରାମର ସିପୁ ନାଏକ। ଆହତ ବୁଲୁ ନାୟକ ଓ ଅମୂଲ ନାୟକଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, କୌଣସି ଏକ ଅଜଣା ଗାଡ଼ି ସେମାନଙ୍କ ବାଇକ୍‌କୁ ଧକ୍କା ଦେଇ ପଳାଇ ଯାଇଥିଲା। ଗୁରୁତର ଅବସ୍ଥାରେ ସେମାନେ ରାସ୍ତା ଉପରେ ପଡି ରହିଥିଲେ। ଭୀମକୁଣ୍ଡରୁ ବଣ ଭୋଜି ସାରି ଫେରୁଥିବା ପର୍ଯ୍ୟଟକମାନେ ୧୦୮ ଆମ୍ବୁଲାନ୍ସକୁ ଖବର ଦେବା ପରେ ଗୁରୁତର ଅବସ୍ଥାରେ ସେମାନଙ୍କୁ ଉଦ୍ଧାର କରାଯାଇଥିଲା। ଠାକୁରମୁଣ୍ଡା ଥାନା ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

### ବିଦ୍ୟୁତ୍ ବିଭାଗ ପକ୍ଷରୁ ଚଢ଼ାଉ

ରାସଗୋବିନ୍ଦପୁର,୧୨।୧(ଡି.ଏନ୍.ଏ.)- ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବିଦ୍ୟୁତ୍ ସେକ୍ସନ ଅଧୀନ ଅନ୍ଧାରୀ ଛକରେ ବିଦ୍ୟୁତ୍ ବିଭାଗର ଭିଜିଲାନ୍ସ ଟିମ୍ ପକ୍ଷରୁ ଶୁକ୍ରବାର ଅଚାନକ ଚଢ଼ାଉ କରାଯାଇ ବେଆଇନ ଭାବେ ବିଦ୍ୟୁତ୍ ସଂଯୋଗ କରିଥିବା ଲୋକଙ୍କୁ ଧରପଗଡ଼ କରାଯାଇଥିଲା। ଭିଜିଲାନ୍ସ ମ୍ୟାନେଜର ଡି.କେ. ଦାସ, ଏ.ପି. ନାୟକ, ଅତିରିକ୍ତ ଭିଜିଲାନ୍ସ ଅଧିକାରୀ ବି.ଏନ୍. ବେହେରା, ସ୍ଥାନୀୟ କନିଷ୍ଠଯନ୍ତ୍ରୀ ସବ୍ୟସାଚୀ ପଣ୍ଡା, ଏସ୍.ଏସ୍. ନାୟକ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ। ୮ଜଣ ବେଆଇନ ଉପଭୋକ୍ତାଙ୍କୁ ଧରାଯାଇ ସେମାନଙ୍କ ଉପରେ ଲକ୍ଷାଧିକ ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଥିବା କନିଷ୍ଠ ଯନ୍ତ୍ରୀ ପଣ୍ଡା କହିଛନ୍ତି।

### ଯୁବକଙ୍କ ଆତ୍ମହତ୍ୟା

ରାଇରଙ୍ଗପୁର,୧୨।୧(ଡି.ଏନ୍.ଏ.): ଯାମଦା ଥାନା ଅନ୍ତର୍ଗତ ବଡ଼ଶିଆ ଗ୍ରାମର ଜଣେ ଯୁବକ ଶନିବାର ସନ୍ଧ୍ୟାରେ ନିଜ ଘରେ ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଛୁଟୁ ମୁର୍ମୁ(୨୦) । ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ରାଇରଙ୍ଗପୁର ହସ୍ପିଟାଲରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨/୨୦୨୦) ରୁଜୁ ହୋଇଛି। ଆତ୍ମହତ୍ୟାର କାରଣ ଜଣା ପଡ଼ି ନାହିଁ।

### ମାସେହେବ ଏଟିଏମ୍ ଅଚଳ

କୋଷ୍ଟା,୧୨।୧(ଡି.ଏନ୍.ଏ.)- ବ୍ୟାଙ୍କ ଅଫ୍ ଇଣ୍ଡିଆର ଶୁଳିଆପଦା ଓ କୋଷ୍ଟାସ୍ଥିତ ଏଟିଏମ୍ ଆଜିକୁ ପ୍ରାୟ ୧ମାସରୁ ଉର୍ଦ୍ଧ୍ୱ ସମୟ ଧରି ଅଚଳ ହୋଇ ପଡ଼ିଛି। ଏଠାରେ ଥିବା ଏସବିଆଇର ଏକ ଏଟିଏମ୍‌ରୁ ମଧ ୨ ଦିନ ହେଲା ଟଙ୍କା ବାହାରୁ ନାହିଁ ଏନେଇ ଗ୍ରାହକମାନେ ହନ୍ତସନ୍ତ ହେଉଛନ୍ତି। ଏହା ବ୍ୟତୀତ ଆଗକୁ ଗଣପର୍ବ ମକର ଥିବାରୁ ନୂଆ ଲୁଗା ଓ ପିଠାପଣା ଲାଗି ଟଙ୍କାର ଆବଶ୍ୟକତା ପଡୁଥିବା ବେଳେ ଗ୍ରାହକମାନେ ଏଟିଏମରୁ ଟଙ୍କା ଉଠାଇ ନ ପାରି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶୁଳିଆପଦାଠାରେ ବ୍ଲକ କାର୍ଯ୍ୟାଳୟ, ଥାନା, ତହସିଲ ଅଫିସ ରହିଥିବା ବେଳେ ବିଭିନ୍ନ କାମ ନେଇ ଏଠାକୁ ଆସୁଥିବା ଲୋକେ ଦରକାର ବେଳେ ଏଟିଏମରୁ ଟଙ୍କା ଉଠାଇ ନ ପାରି ହଇରାଣ ହେଉଥିବା ଦେଖିବାକୁ ମିଳୁଛି। ଏନେଇ ବାରମ୍ବାର ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଗଲେ ମଧ କୌଣସି ପ୍ରତିକାର ବ୍ୟବସ୍ଥା କରାଯାଉ ନାହିଁ। ତୁରନ୍ତ ଏଟିଏମ ସଜାଡିବା ପାଇଁ ଗ୍ରାହକମାନେ ଦାବି କରିଛନ୍ତି।

ବିଦ୍ୟୁତ୍ କର୍ମଚାରୀଙ୍କୁ ଠିକ୍ ସମୟରେ ମିଳୁନି ଦରମା

# ଆନ୍ଦୋଳନ ପାଇଁ ସଜବାଜ ହେଲା ସଂଘ

ବାରିପଦା ଅଫିସ,୧୨।୧



ସଂଘ ସଭାପତି ଉଦ୍‌ବୋଧନ ଦେଉଛନ୍ତି।

ବାରିପଦା ସହର ରଘୁନାଥପୁରସ୍ଥିତ ଗଣେଶ ମଣ୍ଡପଠାରେ ପାୱାର ଏମ୍ପ୍ଲଇଜ୍ ସଂଘର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ଜିଲା ସଭାପତି ସୁବ୍ରମଣ୍ୟମ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଘର ସହ ସାଧାରଣ ସମ୍ପାଦକ ଜ୍ୟୋତିକୃଷ୍ଣ ବେହେରା ଓ ଡିଭିଜନାଲ ସେକ୍ରେଟାରି ଚନ୍ଦନ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସଂଘର ବିଭିନ୍ନ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଠିକା କର୍ମଚାରୀଙ୍କୁ ସଂସ୍ଥା ଠିକ୍ ସମୟରେ ଦରମା ପ୍ରଦାନ ନ କରିବା, ଇପିଏଫ୍ ଜମା ନ କରିବା, ଇପିଏଫ୍ ରସିଦ ନ ଦେବା, ଇଏସ୍‌ଆଇ ପୈଠ ନ କରିବା, ପ୍ରତ୍ୟେକ କର୍ମଚାରୀଙ୍କ ଇନ୍ସୁରାନ୍ସ କରୁ ନ ଥିବା, ପରିଚୟ ପ୍ରଦାନ ନ କରିବା, ସୁରକ୍ଷା ସରଞ୍ଜାମ ପ୍ରଦାନ ନ କରିବା ଆଦି ବିଷୟ ଉପରେ ଆଲୋଚନା କରାଯାଇ ସଂଘ ପକ୍ଷରୁ ଅସନ୍ତୋଷ ଜାହିର କରାଯାଇଥିଲା। ଉପରୋକ୍ତ ସମସ୍ୟାର ସମାଧାନ କରା ନ ଗଲେ ସଂଘ ଆନ୍ଦୋଳନ କରିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ବାରିପଦା ସର୍କଲ ଅଧୀନରେ କାର୍ଯ୍ୟରତ ସମସ୍ତ ଠିକା କର୍ମଚାରୀ ଯୋଗ ଦେଇଥିଲେ।

# ବାରିପଦାରେ ଜାତୀୟ ଯୁବ ଦିବସ ପାଳିତ


ଜାତୀୟ ଯୁବ ଦିବସ ଉପଲକ୍ଷେ ଆୟୋଜିତ ରାଲିର ଶୁଭାରମ୍ଭ କରାଯାଉଛି।

ବାରିପଦା ଅଫିସ,୧୨।୧

ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ବାରିପଦା ଶାଖା ତରଫରୁ ବାରିପଦା ପୌର ପରିଷଦରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସହର ପରିକ୍ରମା କରିଥିବା ଏକ ରାଲିକୁ ବାରିପଦା ପୌର ପରିଷଦର ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି ଓ ଏମ୍‌ପିସି ଆଟୋନୋମସ୍ କଲେଜର ପ୍ରଫେସର ଡ. କୈଳାସ ଚନ୍ଦ୍ର ମିଶ୍ର ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ, ଉତ୍ତର ଓଡ଼ିଶା ସ୍ନାତକୋତ୍ତର ବିଭାଗ, ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟ, ବାରିପଦା ମହାବିଦ୍ୟାଳୟ, ଦତ୍ତ ଆବାସିକ ଉଚ୍ଚ ମାଧମିକ ବିଦ୍ୟାଳୟ, ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ମହାରାଣୀ ପ୍ରେମ କୁମାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କମଳା ନେହେରୁ ବାଳିକା ଉଚ୍ଚ ବିଦ୍ୟାଳୟ ଓ ପୂର୍ଣ୍ଣଚନ୍ଦ୍ରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ବିବେକାନନ୍ଦଙ୍କ ଫଟୋଚିତ୍ର ଓ ବାର୍ତ୍ତାଖଚିତ ଏକ ବର୍ଣ୍ଣାଢ଼୍ୟ ପ୍ରଜ୍ଞାପନ ମେଢ଼ ସହିତ ଦେଶାତ୍ମବୋଧକ ସଂଗୀତ ଗାନ କରି ସହର ପରିକ୍ରମା କରିଥିଲେ। ପରେ ବାରିପଦା ଶାଖାର ନଗର ସଞ୍ଚାଳିକା ସ୍ୱର୍ଣ୍ଣପ୍ରଭା ପଟ୍ଟନାୟକଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. କୁମୁଦ ରଞ୍ଜନ ରାଉତ ମୁଖ୍ୟଅତିଥି ଓ ବାରିପଦା ଶାଖାର ନଗର ପ୍ରମୁଖ ସନ୍ଦୀପ କୁମାର ଚାନ୍ଦ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଶିବଶଙ୍କର ଗିରି ମଞ୍ଚ ସଞ୍ଚାଳନ କରିଥିବା ବେଳେ ମଳୟ କୁମାର ଗିରି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମମତାମୟୀ ବିଶ୍ୱାଳ, ସପନ କୁମାର ପୃଷ୍ଟି, ଡ. ଅଞ୍ଜଳି ପଣ୍ଡା, କ୍ଷଣପ୍ରଭା ପଟ୍ଟନାୟକ, ଡ. ସନ୍ଦୀପ ପଟ୍ଟନାୟକ, ମୃତ୍ୟୁଞ୍ଜୟ ଶର୍ମା, କରମଚାନ୍ଦ ବୈଠା, ରାଜେନ୍ଦ୍ର ନାଥ, ଦୀପକ କୁମାର ଦାଶ, କମଳିନୀ ଷଡ଼ଙ୍ଗୀ, ରବୀନ୍ଦ୍ର ମହାପାତ୍ର, ପ୍ରତିଭା ଦାସ, ଆଲୋକ କୁମାର ଆଚାର୍ଯ୍ୟ, ଦୀପକ ନାଏକ, ସମୀର କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## 'ପୂର୍ଣ୍ଣାଙ୍ଗ ବିକାଶ ପାଇଁ କ୍ରୀଡ଼ା ଅପରିହାର୍ଯ୍ୟ'

ବାଙ୍ଗିରିପୋଷି,୧୨।୧(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବିନୋଦିନୀ ମହିଳା ମହାବିଦ୍ୟାଳୟ ପରିସରରେ ଦୁଇଦିନ ଧରି ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ମଣିଭଦ୍ର ସେଣ୍ଠ ସଭାରେ ଅଧକ୍ଷତା କରିଥିଲେ। ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ବରିଷ୍ଠ ଶିକ୍ଷାବିତ୍ ଲକ୍ଷ୍ମୀକାନ୍ତ ଦାସ ମୁଖ୍ୟଅତିଥି, ବିନୋଦିନୀ ଦାସ ସମ୍ମାନ୍‌ନୀୟ ଅତିଥି, ମହେଶ୍ୱର କର ଅନ୍ୟତମ ସମ୍ମାନ୍‌ନୀୟ ଅତିଥି, ଅଧାପକ ଡ. ଗଜେନ୍ଦ୍ର କୁମାର ନନ୍ଦ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ପୂର୍ଣ୍ଣାଙ୍ଗ ବିକାଶ ପାଇଁ କ୍ରୀଡ଼ା ଅପରିହାର୍ଯ୍ୟ। ଏହା ଶିକ୍ଷାର୍ଥୀଙ୍କ ବୌଦ୍ଧିକ ବିକାଶ ସହ ଚରିତ୍ର ଗଠନରେ ମଧ ସହାୟକ ହୋଇଥାଏ। ଏଣୁ 'ଶାରୀରିକ ଶିକ୍ଷା' ଶିକ୍ଷା ବ୍ୟବସ୍ଥାର ଏକ ଅଙ୍ଗ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ବରିଷ୍ଠ ଅଧାପିକା ମିନତି ମହାନ୍ତ ଓ ଅଧାପିକା କଳ୍ପିତା ପାଢ଼ୀ ମଧ ବକ୍ତବ୍ୟ ରଖିଥିଲେ। ଅଧାପକ ଡ. ଗଜେନ୍ଦ୍ର କୁମାର ନନ୍ଦ ସଭା ଆରମ୍ଭରେ ବେଦପାଠ କରିଥିଲେ। ଗ୍ରନ୍ଥାଗାରିକ ଗିରିଜା ଶଙ୍କର ପ୍ରଧାନ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ସୁକାନ୍ତି ମହାନ୍ତଙ୍କ ସଂଯୋଜନାରେ ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ । ଅଧାପିକା ଲିପି ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଏସ୍‌ଭିଏସ୍‌ର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅତିଥିବୃନ୍ଦ।

ବାରିପଦା ଅଫିସ,୧୨।୧

ବାରିପଦା ସହର ଉପକଣ୍ଠ ଶିରିଶବଣିସ୍ଥିତ ବିବେକାନନ୍ଦ ଶିକ୍ଷାଶ୍ରମ (ଏସ୍‌ଭିଏସ୍)ରେ ଦୁଇଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷା ବୀଣାପାଣି ଦାଶଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ଏଥିରେ ବିଦ୍ୟାଳୟ ସମ୍ପାଦକ ଅଜୟ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନଙ୍କ ଦ୍ୱାରା କ୍ରୀଡ଼ା ପତାକା ଉତ୍ତୋଳନ ପରେ କ୍ରୀଡ଼ାବିତ୍‌ମାନେ ଶାନ୍ତି ଶୃଙ୍ଖଳାର ସହିତ ଖେଳିବାକୁ ଶପଥପାଠ କରାଇଥିଲେ। ଏଥିରେ ୬୦୦ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ୫ଟି ବିଭାଗରେ ବିଭକ୍ତ କରାଯାଇ ମୋଟ ୨୩ଟି ଇଭେଣ୍ଟରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଜୟନ୍ତ କୁମାର ମହାନ୍ତଙ୍କ ତତ୍ତ୍ୱାବଧାନରେ ସମସ୍ତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବାଳକ ବିଭାଗରେ ଛାତ୍ର ଅରୁଣ ଟୁଡୁ ଓ ବାଳିକା ବିଭାଗରେ ସୁଦେଷ୍ଣା ମୁଣ୍ଡା ଚାମ୍ପିୟନ ହୋଇଥିଲେ। ବିଦ୍ୟାଳୟର ସହସଂଯୋଜକ ସନ୍ଦୀପ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ମିଳିତ ଅବକାରୀ ଚଢ଼ାଉ:୨ଗିରଫ

ବଡ଼ସାହି,୧୨।୧(ସ୍ୱ.ପ୍ର.)

ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ଖାନୁଆ ପଞ୍ଚାୟତରେ ଦେଶୀମଦ ପ୍ରସ୍ତୁତ ହେଉଥିବା ସ୍ଥାନରେ ଅବକାରୀ ଓ ବନ ବିଭାଗ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଥିଲା। ସେଠାରୁ ୩୪ ଲିଟର ଦେଶୀ ମଦ, ୧୯୫୦ କେଜି ମହୁଲ ପୋଚ, ୩୮ଟି ପ୍ଲାଷ୍ଟିକ ଡ୍ରମ୍ ଓ ୪ଟି ଆଲୁମିନିୟମ ଡେକ୍‌ଚି ଜବତ ହୋଇଛି। ଏହି ଘଟଣାରେ ଜଡ଼ିତ ଖାନୁଆ ଗ୍ରାମର ଜୟନ୍ତୀ ପାତ୍ର ଓ ତିରିଲଡ଼ିହି ଗ୍ରାମର ବିପିନ ସୋରେନଙ୍କୁ ଗିରଫ କରାଯାଇଛି । ଏ ନେଇ ଦୁଇଟି ପୃଥକ୍ ମାମଲା (ନଂ. ୧୧୫/୨୦ ଓ ୧୧୬/୨୦) ରୁଜୁ କରାଯାଇ ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# 'ସମ୍ବର୍ଦ୍ଧନା, ପୁରସ୍କାର ଦିଏ ପ୍ରେରଣା'

ବଡ଼ସାହି,୧୨।୧(ସ୍ୱ.ପ୍ର)

ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରେରଣା ଦିଏ ବୋଲି ବଡ଼ସାହିରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କବିତା ମହାଯଜ୍ଞ, କବି, ଲେଖକ ଓ କଳାକାର ସମ୍ମେଳନ ତଥା ପ୍ରତିଭା ସମାରୋହରେ ଯୋଗ ଦେଇଥିବା ଅତିଥିମାନେ ମତପ୍ରକାଶ କରିଛନ୍ତି । ବଡ଼ସାହିଠାରେ ଚାଲିଥିବା ୩ ଦିନିଆ ୪୦ତମ ବାଣୀପୀଠ ମହୋତ୍ସବ-୨୦୨୦ର ଦ୍ୱିତୀୟ ଦିବସରେ ଓଡ଼ିଆ ଲେଖକ ପରିଷଦ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ତଥା ବାଣୀପୀଠର ଅଧକ୍ଷ ପଣ୍ଡିତ ଲକ୍ଷ୍ମୀଧର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ କୃଷି ନିଗମର ଅଧକ୍ଷ ଦେବାଶିଷ ମହାନ୍ତି ମୁଖ୍ୟଅତିଥି, ପ୍ରଧାପକ ବିପିନ ବିହାରୀ ବିଶ୍ୱାଳ ମୁଖ୍ୟବକ୍ତା ଓ ସମ୍ମାନନୀୟ ଅତିଥି ଭାବେ ସିଂହଭୂମିର କବି ବିଷ୍ଣୁପଦ ସିଂଦେବ, ଡ. ଶ୍ରୀକାନ୍ତ ମହାନ୍ତ, ଡ.ସ୍ମୃତି ପଟ୍ଟନାୟକ, ଏଏସ୍‌ପି ଯଶୋବନ୍ତ ସେଠୀ, କଲିକତାର ଭୂପେଶ୍ ମିଶ୍ର, କବି କୁଳମଣି ସାମଲ ଓ ଅଧାପକ ତାପସ କୁମାର ପଣ୍ଡା ପ୍ରମୁଖ ଯୋଗଦାନ କରି ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପୂର୍ବାହ୍ନରେ ସ୍ୱାମୀ ବିବେକାନନ୍ଦଙ୍କର ଜୟନ୍ତୀ ପାଳିତ ହେବା ପରେ ରାଜ୍ୟସ୍ତରୀୟ କବିତା ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ୪ଟି ପତ୍ରିକା ଓ ୪ଟି ପୁସ୍ତକ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି ଅବସରରରେ ରାଜ୍ୟସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମୟଚକ୍ରର ସମ୍ପାଦକ ସର୍ବେଶ୍ୱର ଜେନା ଓ ବଙ୍କିମ ଚନ୍ଦ୍ର ବାରିକ ମଞ୍ଚ ପରିଚାଳନା କରିଥିଲେ। ବାଣୀପୀଠର ସମ୍ପାଦକ ଡା. କୁମାର ବାବୁଲି ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସହସମ୍ପାଦକ ସମ୍ବିତ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।


କବିତା ମହାଯଜ୍ଞରେ ଉପସ୍ଥିତ ଅତିଥି।

# କାଠ ବୋଝେଇ ଗାଡ଼ି ଜବତ

କୁଆମରା,୧୨।୧(ଡି.ଏନ୍.ଏ.):


ବନ କର୍ମଚାରୀମାନେ ଜବତ କରିଥିବା କାଠ ବୋଝେଇ ଗାଡ଼ି।

ଖୁଣ୍ଟା-ବାଲେଶ୍ୱର ରାସ୍ତାର ଦାମାସାହି ଛକ ନିକଟରେ ଉଦଳା ବନବିଭାଗ ପକ୍ଷରୁ ଚଢାଉ କରାଯାଇ ଚୋରା କାଠ ବୋଝେଇ ଏକ ଟାଟା ଏସି ଗାଡ଼ି ଜବତ କରାଯାଇଛି। ଚୋରା କାଠ ଚାଲାଣ ହେଉଥିବା ସମ୍ପର୍କରେ ସୂଚନା ପାଇ ବନ ବିଭାଗ କର୍ମଚାରୀମାନେ ଜଗି ରହିଥିଲେ। ଜବତ ହୋଇଥିବା ନିମ୍ବ କାଠର ମୂଲ୍ୟ ୫୦ହଜାର ଟଙ୍କାରୁ ଅଧିକ ହେବ ବୋଲି ଜଣାଯାଇଛି। ଚଢଉ ସମୟରେ ଗାଡି ଡ୍ରାଇଭରଙ୍କ ସମେତ ଅନ୍ୟ ୨ଜଣ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ବନ ବିଭାଗ ଗାଡିକୁ ଜବତ କରି ଉଦଳା ରେଞ୍ଜ କାର୍ଯ୍ୟାଳୟକୁ ନେଇଛି। ରେଞ୍ଜର ଅଜୟ ଦାସଙ୍କ ନେତୃତ୍ୱରେ କୁଆମରା ଫରେଷ୍ଟର ଧ୍ରୁବଚରଣ ବସନ୍ତିଆଙ୍କ ସମେତ ଅନ୍ୟ କର୍ମଚାରୀମାନେ ଚଢାଉରେ ସାମିଲ ଥିଲେ।

# ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା



କ୍ରୀଡ଼ା ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

କୁଳିଅଣା,୧୨।୧(ଡି.ଏନ୍.ଏ.):

ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ୍‌ର ବାଇଗଣବାଡ଼ିଆସ୍ଥିତ ଉତ୍କଳମଣି ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ଆରତୀ ବେହେରା ଓ ବିଶିଷ୍ଟ ପରିବେଶବିତ୍ ରମେଶ ଚନ୍ଦ୍ର ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ପୁରସ୍କାର ବିତରଣ ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭଗବାନ ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ କ୍ରୀଡ଼ାବିତ କୁମାର ରଞ୍ଜନ ପଣ୍ଡା ଯୋଗଦେଇ ଜଣେ ବୈଜ୍ଞାନିକ, ଚିକିତ୍ସକଙ୍କଠାରୁ କ୍ରୀଡ଼ାବିତ୍‌ମାନଙ୍କ ନାମ ଓ ଯଶ ବିଶ୍ୱବିଦିତ ବୋଲି ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତା ଭାବେ ଡକ୍ଟର ସରୋଜ କୁମାର ନାୟକ ଯୋଗଦେଇ ପିଲାମାନଙ୍କୁ କ୍ରୀଡ଼ା ଶୃଙ୍ଖଳିତ କରିବା ସହ ଚରିତ୍ର ଗଠନରେ ସହାୟକ ହୁଏ କହିଥିଲେ। ସଭାରେ ବିଦ୍ୟାଳୟର ସବିତା ପାଲ, ଜୟକୃଷ୍ଣ ନାୟକ, କଲ୍ୟାଣୀ କର, ପଙ୍କଜିନୀ ବାରିକ, ବୁଧୁରାୟ ହେମ୍ବ୍ରମ ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟର ଛାତ୍ରୀ ମିନତୀ ହେମ୍ବ୍ରମ ଓ ଛାତ୍ର ମାନସ କୁମାର ମାର୍ଣ୍ଡି ଚାମ୍ପିୟନ ହୋଇଥିଲେ। ପ୍ରଥମରୁ ଦଶମ ଶ୍ରେଣୀର ୬୦ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା।

## ନାଗରିକତ୍ୱ ସଂଶୋଧନ ଆଇନ

# ଭାଜପା ପକ୍ଷରୁ ବୈଠକ, ବୁଦ୍ଧିଜୀବୀ ସମ୍ମିଳନୀ

ଠାକୁରମୁଣ୍ଡା/ଉଦଳା, ୧୨।୧ (ଡି.ଏନ୍.ଏ.)

ନାଗରିକତ୍ୱ ସଂଶୋଧନ ଆଇନ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ଠାକୁରମୁଣ୍ଡା ବ୍ଲକ ଭାଜପା କର୍ମକର୍ତ୍ତାଙ୍କୁ ନେଇ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ କାର୍ଯ୍ୟକର୍ତ୍ତା ଗୋପବନ୍ଧୁ ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ଠାକୁରମୁଣ୍ଡା ମଣ୍ଡଳ ସଭାପତି ରଣଜିତ ବେହେରା, ମହୁଲଡ଼ିହା ମଣ୍ଡଳ ସଭାପତି ଜଗଦୀଶ ମହାନ୍ତ, ଯୋଗେନ୍ଦ୍ରନାଥ ମହାନ୍ତ, ସବିତକାନ୍ତ ସୋରେନ, କାର୍ଯ୍ୟକ୍ରମ ସଂଯୋଜକ ଶିବପ୍ରସାଦ ମହାନ୍ତ ଓ ଗୋବିନ୍ଦ ନାଏକ ପ୍ରମୁଖଙ୍କ ସହ ବିଭିନ୍ନ ପଞ୍ଚାୟତର କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ଉଦଳା ସ୍ନେହା ତୁଳସୀ କଲ୍ୟାଣ ମଣ୍ଡପଠାରେ ଭାଜପା ପକ୍ଷରୁ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗ୍ରାମାଞ୍ଚଳଠାରୁ ସହରାଞ୍ଚଳ ଯାଏ ଶତାଧିକ ଶିକ୍ଷାବିତ୍, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଯୋଗଦେଇଥିଲେ। ଆଇନଜୀବୀ ବସନ୍ତ କୁମାର ପରିଡା, ବାରିପଦା ବିଧାୟକ ପ୍ରକାଶ ସୋରେନ୍, ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ଜିଲା ପରିଷଦ ଅଧକ୍ଷା ସୁଜାତା ମୁର୍ମୁ, ଜିଲା ଭାଜପା ସଭାପତି କାନ୍ଦରା ସୋରେନ୍, ପୂର୍ବତନ ଜିଲା ସଭାପତି କୃଷ୍ଣଚନ୍ଦ୍ର ମହାପାତ୍ର, ଶିକ୍ଷାବିତ୍ ଲକ୍ଷ୍ମୀଧର ପୁଥାଳ, ଶରତ ଚନ୍ଦ୍ର ମିଶ୍ର, ଡା. ପ୍ରଦୀପ ମହାନ୍ତ, ଦିଲୀପ ଦୀକ୍ଷିତ ପ୍ରମୁଖ ମଞ୍ଚାସୀନ ଥିଲେ।

# ହାତୀ ଚଳାପଥର ସୁରକ୍ଷା ନିମନ୍ତେ ପଦଯାତ୍ରା



ସଚେତନତା ପଦଯାତ୍ରାର ଶୁଭାରମ୍ଭ ସମୟରେ ଉପସ୍ଥିତ ଅତିଥିବୃନ୍ଦ।

ଠାକୁରମୁଣ୍ଡା,୧୨।୧(ଡି.ଏନ୍.ଏ.):

କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଠାକୁରମୁଣ୍ଡା ରେଞ୍ଜର ତରାମରା ଗ୍ରାମରୁ ରବିବାର ସେଭ୍ ଏଲିଫ୍ୟାଣ୍ଟ ଫାଉଣ୍ଡେସନ ଟ୍ରଷ୍ଟ ଓ କରଞ୍ଜିଆ ବନଖଣ୍ଡ ତଥା ଓଡିଶା ଏନଭାରନମେଣ୍ଟ ସୋସାଇଟିର ମିଳିତ ଉଦ୍ୟମରେ ହାତୀ ଚଳାପଥ ସମେତ ବାଘ ଚଳାଚଳ କରୁଥିବା ଜଙ୍ଗଲର ସୁରକ୍ଷା ନିମନ୍ତେ ଏକ ସଚେତନତା ପଦଯାତ୍ରା ଆରମ୍ଭ ହୋଇଛି। ଶିମିଳିପାଳ ଜଙ୍ଗଲ ଅନ୍ତର୍ଗତ ତରାମରାରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ୧୧ ଦିନ ପରେ ସାତକୋଶିଆ ଅଭୟାରଣ୍ୟରେ ଉଦ୍‌ଯାପିତ ହେବ। ପଦଯାତ୍ରାର ଉଦଘାଟନୀ ଦିବସରେ ମୁଖ୍ୟଅତିଥି ଭାବେ ପ୍ରଧାନ ମୁଖ୍ୟ ବନ୍ୟ ସଂରକ୍ଷକ (ବନ୍ୟ ପ୍ରାଣୀ) ଡ.ହରିଶଙ୍କର ଉପାଧ୍ୟାୟ ଯୋଗଦେଇ ହାତୀ ଓ ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କ ସୁରକ୍ଷା ନେଇ ସଚେତନତା ଅଭିଯାନ କରାଯାଉଥିବାରୁ ଜନସାଧାରଣ ବେଶ ସଚେତନ ହେବାର ସୁଯୋଗ ପାଇବେ ବୋଲି ଆଶା ପ୍ରକାଶ କରିଥିଲେ।

ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନ ବନ ସଂରକ୍ଷକ ତଥା ଲୋକାୟୁକ୍ତ ସଦସ୍ୟ ଡ. ଦେବବ୍ରତ ସ୍ୱାଇଁ ଶିମିଳିପାଳ ଜଙ୍ଗଲ ବନ୍ୟଜନ୍ତୁଙ୍କ ଜନନୀ ବୋଲି କହିବା ସହିତ ଶିମିଳିପାଳରୁ ସାତକୋଶିଆ ଅଭୟାରଣ୍ୟ ପର୍ଯ୍ୟନ୍ତ ନିର୍ବିଘ୍ନରେ ବାଘ ଓ ହାତୀ ବିଚରଣ କରିପାରିବାର ପଥ ସୁଗମ ବୋଲି ପ୍ରକାଶ କରିଥିଲେ। କରଞ୍ଜିଆ ଡିଏଫଓ ପ୍ରସନ୍ନ କୁମାର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉଦଘାଟନୀ ସଭାରେ ସେଭ ଏଲିଫ୍ୟାଣ୍ଟ ଫାଉଣ୍ଡେସନ ଟ୍ରଷ୍ଟର ଚେୟାରମ୍ୟାନ ରଜନୀକାନ୍ତ ଜେନା, ଟ୍ରଷ୍ଟି ଡ.ପ୍ରକାଶ ଜେନା, ପରିବେଶିତ ଜେ.କେ.ପାଣିଗ୍ରାହୀ, ଡ.ଚଞ୍ଚଳ ସର, ଅବୈତନିକ ବନ୍ୟା ପ୍ରାଣୀ ସଂରକ୍ଷକ ପ୍ରଦୀପ କବି, ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ବେହେରା, ଆନନ୍ଦପୁର ବନଖଣ୍ଡ ଅଧିକାରୀ ଅଜିତ ଶତପଥୀ, ଠାକୁରମୁଣ୍ଡା ରେଞ୍ଜ ଅଧିକାରୀ ପ୍ରଭାତ କୁମାର କୁଅଁର, ବନ୍ୟ ପ୍ରାଣୀ ରେଞ୍ଜର ସ୍ୱାଧୀନତା ସାହାଣୀ, ବସନ୍ତ ପାଇକର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ। ଶରତ ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପଦଯାତ୍ରାରେ ବନସୁରକ୍ଷା ସମିତିର ସଦସ୍ୟ ,ମହିଳା ଏସଏଚି କର୍ମକର୍ତ୍ତା, ବନ କର୍ମଚାରୀ ଓ ସ୍ଥାନୀୟ ଜନସାଧାରଣ ଅଂଶଗ୍ରହଣ କରିଥିଲେ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ସୋମବାର, ଜାନୁୟାରୀ ୧୩/୨୦୨୦ Balasore, Monday, January 13/2020


## ସଂକ୍ଷେପରେ

### ଗୋଟିଏ ଦିନରେ ୧ଲକ୍ଷ ୮୫ହଜାର ଜରିମାନା

**ବଡବିଲ, ୧୨।୧ (ସ୍ୱ.ପ୍ର.):** କେନ୍ଦୁଝର ଜିଲା ବଡବିଲ ପୋଲିସ ଓ ବଡବିଲ ଅତିରିକ୍ତ ପରିବହନ ବିଭାଗର ମିଳିତ ଭାବେ ଦୁଇଚକିଆଯାନ ଯାଞ୍ଚ କରି ୧ଲକ୍ଷ ୮୫ ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି। ୧୧ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ୩୧ ତମ ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳନ କରାଯାଉଛି। ଶନିବାର ସ୍ଥାନୀୟ ପୋଲିସ ଓ ପରିବହନ ବିଭାଗର କର୍ମଚାରୀମାନେ ହେଲମେଟ ପରିଧାନ କରି ଏକ ବାଇକ୍ ଶୋଭାଯାତ୍ରା କରି ସଚେତନତା ସୃଷ୍ଟି କରିଥିଲେ। ରବିବାର ସକାଳୁ ଭଦ୍ରାସାହି ଛକ ଓ ଗୋପବନ୍ଧୁ ଛକ ଠାରେ ଏହି ଦୁଇ ବିଭାଗ ମିଳିତ ଭାବେ ଯାଞ୍ଚ କରିଥିଲେ। ସନ୍ଧ୍ୟା ସୁଦ୍ଧା ପୋଲିସ ବିଭାଗ ବିନା ହେଲମେଟରେ ଚାଳନା କରୁଥିବା ୨୩ଟି ଦୁଇ ଚକିଆଯାନକୁ ଧରି ୨୩ ହଜାର ଟଙ୍କା ଜରିମାନା କରିଥିବାବେଳେ ଅତିରିକ୍ତ ପରିବହନ ବିଭାଗ ୧୭ଟି ଦୁଇ ଚକିଆଯାନରୁ ମୋଟ ୧ଲକ୍ଷ ୫୨ହଜାର ଟଙ୍କା ଜରିମାନା କରିଛନ୍ତି।

### ପୋଲିସକୁ ଆକ୍ରମଣ, ୩ ଗିରଫ

**ବନ୍ତ,୧୨।୧(ଡି.ଏନ.ଏ.):** ଭଦ୍ରକ ଜିଲା ବନ୍ତ ଥାନା ପୋଲିସ କନଷ୍ଟେବଲଙ୍କୁ ଆକ୍ରମଣ ଅଭିଯୋଗରେ ୩ ଯୁବକଙ୍କୁ ଗିରଫ କରାଯାଇ ରବିବାର କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ବନ୍ତ ଅଞ୍ଚଳର ବୋଲି ଜଣାପଡ଼ିଛି। ବନ୍ତ ଥାନାରେ ଏକ ମାମଲା(ନଂ.୩/୨୦) ରୁଜୁ ହୋଇଛି। ବନ୍ତ ଥାନା ପୋଲିସ ସୂଚନା ଅନୁଯାୟୀ, ଗତ ୧୦ ତାରିଖ ରାତିରେ ବନ୍ତରେ ଅପେରା ଚାଲୁଥିବାବେଳେ ସେଠାରେ ୨ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ଜଣେ ଯୁବକ ଆହତ ହୋଇ ବନ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଥିଲେ। ଆହତଙ୍କ ଚିକିତ୍ସା ସମୟରେ କନଷ୍ଟେବଲ ନିଗମାନନ୍ଦ ମହାଳିକ ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଡ୍ୟୁଟିରେ ମେଡିକାଲକୁ ଯାଇଥିଲେ। ସେଠାରେ ଉପସ୍ଥିତ ଥିବା ୧୦ରୁ ୧୫ ଜଣ ଯୁବକ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ତାଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ କନଷ୍ଟେବଲଙ୍କ ମୁଣ୍ଡରେ ଆଘାତ ଲାଗିଥିବା ସେ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି।

### ଅନାସ୍ଥା ଭୋଟ ଆଜି ଫଳାଫଳ ପ୍ରକାଶ ଉପରେ ରହିତାଦେଶ

**ଜଳେଶ୍ୱର,୧୨।୧(ସ୍ୱ.ପ୍ର.):** ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧୀନ ମାକିଡ଼ିଆ ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ଉପରେ ୧୩ ତାରିଖରେ ଭୋଟିଂ ହେବ। ପଞ୍ଚାୟତ କାର୍ଯ୍ୟାଳୟରେ ଭୋଟ ଗ୍ରହଣ କରାଯିବ ବୋଲି ପୂର୍ବରୁ ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଉଚ୍ଚ ନ୍ୟାୟାଳୟ ଏ ସଂକ୍ରାନ୍ତ ଏକ ମାମଲାର ଶୁଣାଣି କରି ଭୋଟ ଗ୍ରହଣକୁ ବାରଣ କରି ନ ଥିଲେ ମଧ୍ୟ ଫଳାଫଳ ପ୍ରକାଶ ନ କରିବାକୁ ଉଲ୍ଲେଖ କରି ରହିତାଦେଶ ଜାରି କରିଛନ୍ତି। ଏହି ପଞ୍ଚାୟତର ମୋଟ ୧୧ଜଣ ୱାର୍ଡ଼ ସଦସ୍ୟାସଦସ୍ୟଙ୍କ ଦସ୍ତଖତ ସମ୍ବଳିତ ଅନାସ୍ଥା ପ୍ରସ୍ତାବ ପ୍ରଥମେ ବିଡିଓ ଓ ଉପଜିଲାପାଳଙ୍କୁ ଦିଆଯାଇଥିଲା। ଏହାର ଯାଞ୍ଚ ପରେ ଭୋଟ ଗ୍ରହଣ ଲାଗି ଦିନଧାର୍ଯ୍ୟ କରି ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଜଳେଶ୍ୱର ତହସିଲଦାର କ୍ଷୀରୋଦ କୁମାର ପଣ୍ଡା କାର୍ଯ୍ୟ ତୁଲାଇବାର ବ୍ୟବସ୍ଥା ହୋଇଥିଲା। ଏହାମଧ୍ୟରେ ସରପଞ୍ଚ ବଳରାମ ବର୍ଷାଳ ଉଚ୍ଚ ନ୍ୟାୟାଳୟରେ ଏକ ରିଟ୍ ପିଟିସନ୍ (ନଂ.୩୨୮/୨୦୨୦) ଦାଖଲ କରିଥିଲେ। ଉଚ୍ଚ ନ୍ୟାୟାଳୟ ଏହାର ବିଚାର କରି ଗତ ୧୦ ତାରିଖରେ ଫଳାଫଳ ପ୍ରକାଶ ଉପରେ ରହିତାଦେଶ ଜାରି କରିଥିବା କୁହାଯାଉଛି। ତେବେ ୧୯୬୪ ମସିହା ପଞ୍ଚାୟତିରାଜ ଆଇନ୍‌ର ୨୪ ଧାରା ଅନୁଯାୟୀ ପ୍ରଶାସନ ନେଇଥିବା ଭୋଟଗ୍ରହଣ ନିଷ୍ପତ୍ତିକୁ ନ୍ୟାୟାଳୟ ସମ୍ମତି ଦେଇଛନ୍ତି। ଏ ସମ୍ପର୍କରେ ବଳରାମ ବର୍ଷାଳ ବାଲେଶ୍ୱର ଜିଲାପାଳଙ୍କୁ ରବିବାର ସବିଶେଷ ତଥ୍ୟ ଦେଇଥିବା ସୂଚନା ଦେଇଛନ୍ତି।


ମୁଡ଼ିଗଙ୍ଗା ନଦୀରେ 'ଭେସଲ' ରେ ତୀର୍ଥଯାତ୍ରୀଙ୍କ ଯାତ୍ରା।

# ଗଙ୍ଗାସାଗର ମେଳାରେ ଜମୁଛି ଶ୍ରଦ୍ଧାଳୁଙ୍କ ଭିଡ଼

**ଭୋଗରାଇ,୧୨।୧(ଡି.ଏନ.ଏ.)**

- ୧୫ରେ 'ପୁଣ୍ୟ ସ୍ନାନ', ଚାରିଆଡୁ ଛୁଟିଛି ଭକ୍ତଙ୍କ ସୁଅ
- ସମୁଦ୍ର ଆଳତି ଲାଗି ପହଞ୍ଚିଲେ ପୁରୀ ଗୋବର୍ଦ୍ଧନପୀଠର ଶଙ୍କରାଚାର୍ଯ୍ୟ

ପଡୋଶୀ ପଶ୍ଚିମବଙ୍ଗ ରାଜ୍ୟର ଦକ୍ଷିଣ ୨୪ ପ୍ରଗଣା ଜିଲା ସାଗରଦ୍ୱୀପସ୍ଥିତ ପ୍ରସିଦ୍ଧ ଗଙ୍ଗାସାଗର ମେଳାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଛି। ସେଠାରେ ସମୁଦ୍ରରେ ମକର ସ୍ନାନ ନିମନ୍ତେ ଓଡ଼ିଶାରୁ ଅନ୍ୟୁନ ୨୦ହଜାରରୁ ଊର୍ଦ୍ଧ୍ୱ ତୀର୍ଥଯାତ୍ରୀ ଆସି ପହଞ୍ଚିଥିବା ସରକାରୀ ସୂତ୍ରରୁ ଜଣାପଡିଛି। ଦେଶର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଯାତ୍ରୀମାନେ କଲିକତାର ବାବୁରଘାଟ, ଧର୍ମତଲା, ସିଆଲଦାହ, ଡାଇମଣ୍ଡ ହାରବାର, କାକଦ୍ୱୀପ, ନାମଖାନା ରେଳଷ୍ଟେଶନ ଓ ନିକଟସ୍ଥ ବସ୍‌ଷ୍ଟାଣ୍ଡରେ ଓହ୍ଲାଇ ମୁଡ଼ିଗଙ୍ଗା ନଦୀରେ 'ଭେସଲ' ଯୋଗେ ଜଳଯାତ୍ରା କରି ଗଙ୍ଗାସାଗରରେ ପହଞ୍ଚୁଛନ୍ତି। ଆସନ୍ତା ୧୫ ତାରିଖରେ 'ପୁଣ୍ୟସ୍ନାନ' ଅନୁଷ୍ଠିତ ହେବ। ପୁରୀ ଗୋବର୍ଦ୍ଧନପୀଠର ମଠାଧୀଶ ଜଗତଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ସେଠାରେ ସମୁଦ୍ର ଆଳତୀ କରିବା ସହିତ ଧର୍ମୀୟ କାର୍ଯ୍ୟକ୍ରମରେ ଯୋଗଦେବାକୁ ରବିବାର ଆସି ପହଞ୍ଚିଛନ୍ତି। ଏହି ମେଳାକୁ ଚାରିଆଡୁ ଭକ୍ତଙ୍କ ସୁଅ ଛୁଟିଥିବାରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି।

ସେଠାକାର ପ୍ରଶାସନ ସୂତ୍ରରୁ ଜଣାପଡିଛି ଯେ, ଅଦ୍ୟାବଧି ଗଙ୍ଗାସାଗର ମେଳାକୁ ଆସିଥିବା ପ୍ରାୟ ୫ଲକ୍ଷରୁ ଅଧିକ ତୀର୍ଥଯାତ୍ରୀ ସମୁଦ୍ର ସ୍ନାନ କରି ଘରକୁ ଫେରିଛନ୍ତି। ଏହାବାଦ୍ ପ୍ରାୟ ୮ଲକ୍ଷ ତୀର୍ଥଯାତ୍ରୀ ସାଗରସଙ୍ଗମରେ ସମବେତ ହୋଇଛନ୍ତି। ମୁଡ଼ିଗଙ୍ଗା ନଦୀରେ ଜଳଯାତ୍ରା କରି ସାଗର ସଙ୍ଗମରେ ସ୍ନାନ କରିବା ସମସ୍ତଙ୍କୁ ଯୋଗାଇଥାଏ ରୋମାଞ୍ଚକର ଅନୁଭୂତି। ଯାତ୍ରୀଙ୍କ ଲାଗି ବସୁଥିବା ମେଳାର ଆକର୍ଷଣ ବର୍ଷକୁ ବର୍ଷ ମଧ୍ୟ ବଢି ଚାଲିଛି। ସାଗର ସଙ୍ଗମରେ ସ୍ନାନ କଲେ ବହୁପୁଣ୍ୟ ମିଳିଥାଏ ବୋଲି ଜନବିଶ୍ୱାସ ରହିଛି। ଏହି ପ୍ରସିଦ୍ଧ ମେଳା ପ୍ରତି ଉତ୍ତର ଓଡ଼ିଶାବାସୀଙ୍କର ଅଧିକ ଆକର୍ଷଣ ରହିଛି। ଏଣୁ ପ୍ରତିବର୍ଷ ଏହି ଅଞ୍ଚଳରୁ ବହୁ ତୀର୍ଥଯାତ୍ରୀ ଉକ୍ତ ମେଳାକୁ ଯାଇଥାନ୍ତି। ମେଳାରେ ଯାତ୍ରୀଙ୍କ ସୁବିଧା ଲାଗି ୧୫ ହଜାରରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଅନୁଷ୍ଠାନ ୨୪ଘଣ୍ଟିଆ କାର୍ଯ୍ୟ କରୁଛନ୍ତି। ପୋଲିସ, ପ୍ରଶାସନ ପକ୍ଷରୁ ଅହରହ ସେବା ଯୋଗାଇ ଦିଆଯାଉଛି। ଭକ୍ତଙ୍କ ଲାଗି ୧୧ଲକ୍ଷ ଶୌଚାଗାର ନିର୍ମାଣ ହୋଇଛି। ଯାତ୍ରୀଙ୍କ ସକାଶେ ୨୪ଘଣ୍ଟିଆ 'ଭେସଲ' ସେବା ଓ ଅନ୍ୟ ଯାନବାହନ ବ୍ୟବସ୍ଥା କରାଯାଇଛି। ମୁନିଗଙ୍ଗା ନଦୀରେ 'ଭେସଲ' ଚଳାଚଳ ବେଳର ମନୋରମ ଦୃଶ୍ୟ ସମସ୍ତଙ୍କୁ ଅଭିଭୂତ କରୁଛି। ଶାନ୍ତିଶୃଙ୍ଖଳା ରକ୍ଷା ସହ ଯାତ୍ରୀଙ୍କ ନିରାପତ୍ତା ଲାଗି ସବୁପ୍ରକାର ପ୍ରଯତ୍ନ କରାଯାଇଛି ବୋଲି ଜିଲାପାଳ ଡ. ପି. ଉଲଖାନାଥନ୍ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

# 'ବିପ୍ଳବୀ କେବେ ମରିପାରେନା'

**ଜଳେଶ୍ୱର, ୧୨।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱରର ପୂର୍ବତନ ବିଧାୟକ ସ୍ୱର୍ଗତ ଗଦାଧର ଗିରି ଜଣେ କ୍ରାନ୍ତିବୀର, ଆଦର୍ଶବାଦୀ ଓ ଜନଦରଦୀ ନେତା ଥିଲେ। ବିପ୍ଳବୀ କେବେ ମରିପାରେନା । ଆଦର୍ଶ ଜୀବନ ଅପରାଜେୟ । ସ୍ୱର୍ଗତ ଗିରିଙ୍କ ୩୩ ତମ ଶ୍ରାଦ୍ଧ ବାର୍ଷିକୀ ପାଳନ ଅବସରରେ ବିଶିଷ୍ଟ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି।

ଜଳେଶ୍ୱର ମହିଳା ମହାବିଦ୍ୟାଳୟ ପରିସରରେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ରମାକାନ୍ତ ଭଞ୍ଜଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ସଭାରେ ଭୋଗରାଇ ବିଧାୟକ ତଥା ଜିଲା ଯୋଜନା ବୋର୍ଡ଼ର ଅଧ୍ୟକ୍ଷ ଅନନ୍ତ ଦାସ ମୁଖ୍ୟ ଅତିଥି , ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନାରାୟଣ ପ୍ରସାଦ ସାହୁ ମୁଖ୍ୟ ବକ୍ତା ଏବଂ ଅବସରପ୍ରାପ୍ତ ଅଧ୍ୟକ୍ଷ ବିପିନ ବିହାରୀ ବିଶ୍ୱାଳ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବାଲିଆପାଳରେ କ୍ଷେପଣାସ୍ତ୍ର ଘାଟି ପ୍ରତିଷ୍ଠାକୁ ବିରୋଧ କରି ଗଦାଧର ଜିଲାରେ ଦୁର୍ବାର ଜନଆନ୍ଦୋଳନ ଗଢି ତୋଳିଥିଲେ। ଧାନ, ମୀନ, ପାନର ଅଞ୍ଚଳ ଭାବେ ପରିଚିତ ବାଲିଆପାଳର ସ୍ୱର୍ଣ୍ଣଗର୍ଭା ମାଟିକୁ ପ୍ରକଳ୍ପ ପାଇଁ ଉଜାଡି ଦିଆ ନ ଯାଉ ବୋଲି ଦର୍ଶାଇ ସେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ଚାପ ସୃଷ୍ଟି କରି ସଫଳ ହୋଇଥିଲେ। କେବଳ ଏହି ଆନ୍ଦୋଳନ ନୁହେଁ, ଗରିବ ଖଟିଖିଆଙ୍କ ପାଇଁ ସାରା ଜୀବନ ସେ ସଂଗ୍ରାମର ପଥ ବାଛି ନେଇଥିଲେ ବୋଲି ବକ୍ତାମାନେ ଦର୍ଶାଇଥିଲେ। ବିଧାୟକ ତଥା ମହାବିଦ୍ୟାଳୟର ସମ୍ପାଦକ ଅଶ୍ୱିନୀ କୁମାର ପାତ୍ର ସଭାରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଶେଷରେ ଅଧ୍ୟକ୍ଷ ଡଃ. ପ୍ରଫୁଲ୍ଲ କମାର ଦେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପୂର୍ଣ୍ଣଚନ୍ଦ୍ର ସେନାପତି, ରାଧାଶ୍ୟାମ ନାଥ, ସୂର୍ଯ୍ୟାନନ୍ଦ ପାଳ, ବିଦ୍ୟାଧର ମଲ୍ଲିକ, ବିଜୟ କୁମାର କାମିଳା, ନାମ୍ପୋ କ୍ଷେତ୍ରପାଳ ସ୍ୱୟଂ ସହାୟକା ଗୋଷ୍ଠୀ, ଶିଖରପୁର ସୁବର୍ଣ୍ଣରେଖା ମହିଳା ମହାସଂଘର କର୍ମକର୍ତ୍ତାମାନଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସତ୍ୟମୟ ଆଚାର୍ଯ୍ୟ, ସଂଗ୍ରାମ ପଟ୍ଟନାୟକ, ରତନ କୁମାର ମିଶ୍ର, ସୁଷମା ଚନ୍ଦ ଓ ଅନ୍ୟ ଅଧ୍ୟାପିକା ଅଧ୍ୟାପକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ସ୍ୱର୍ଗତ ବିଧାୟକ ଗଦାଧର ଗିରିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ପୂର୍ବତନ ନଗରପାଳ ସ୍ୱର୍ଗତ ସୁରେନ୍ଦ୍ର ଚନ୍ଦଙ୍କ ବିୟୋଗରେ ୧ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରମୋଦ କୁମାର ପଣ୍ଡା ଓ ମହେଶ୍ୱର ପ୍ରଧାନଙ୍କ ପରିଚାଳନାରେ ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ।



କ୍ରାନ୍ତିବୀର ଗଦାଧର ଗିରିଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଉପସ୍ଥିତ ଅତିଥି।

# ଜାତୀୟ ରାଜପଥରେ ବେଆଇନ ପରିବହନ

**ଜଳେଶ୍ୱର, ୧୨।୧(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ଦେଇ ଯାଇଥିବା ୬୦ନଂ. ଜାତୀୟ ରାଜପଥ ଓ ୫୭ନଂ. ରାଜ୍ୟ ରାଜପଥରେ ଛେଳି, ମେଣ୍ଢା ଓ ଗୋରୁ ଆଦି ଗୃହପାଳିତ ପ୍ରାଣୀଙ୍କୁ ବିଭିନ୍ନ ଗାଡ଼ିରେ ବାହାର ରାଜ୍ୟକୁ ଚାଲାଣ କରାଯାଉଥିଲେ ମଧ୍ୟ ଏହାକୁ ରୋକା ଯାଇପାରୁନାହିଁ। ମୁଖ୍ୟରାସ୍ତାରେ ବିଭିନ୍ନ ଯାନ ଦ୍ୱାରା ପ୍ରାଣୀଧନ ପରିବହନ କଲାବେଳେ ଆନିମଲ କ୍ରୁଏଲିଟି ଆକ୍ଟ ପ୍ରତି ମଧ୍ୟ ଧ୍ୟାନ ଦିଆଯାଉନାହିଁ। ଗତ ଶନିବାର ୬୦ନଂ. ଜାତୀୟ ରାଜପଥରେ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ଅନେକ ଛେଳିକୁ ଅମାନବୀୟ ଭାବେ ଜାଲରେ ବନ୍ଧାଯାଇ ଓହଳିବା ଅବସ୍ଥାରେ ରଖି ପରିବହନ କରାଯାଉଥିବା ଦେଖିବାକୁ ମିଳିଥିଲା। ସେହିପରି ସପ୍ତାହକୁ ୪ ଦିନ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ବଡ଼ ବଡ଼ ଟ୍ରେଲରରେ କୃତ୍ରିମ ଛାତ କରି ଗୋରୁଙ୍କୁ ପଶ୍ଚିମବଙ୍ଗ ଓ ବାଂଲାଦେଶକୁ ପରିବହନ କରାଯାଉଛି। ଗୋଟିଏ ଯାନରେ ୧୦ଟି ଗୋରୁ ଯିବାର ନିୟମ ଥିବା ବେଳେ ୭୦ରୁ ୮୦ଟି ଗୋରୁଙ୍କୁ କୃତ୍ରିମ ଛାତ ସୃଷ୍ଟିକରି ଝୁଲାଇ ପରିବହନ କରାଯାଉଛି। ଏପରି ପରିବହନ ବେଳେ ଗତ ୩ଦିନ ତଳେ ୬୦ନଂ. ଜାତୀୟ ରାଜପଥରେ ୭ଟି ଗୋରୁଙ୍କ ମୃତ୍ୟୁ ଘଟିଥିଲା। ଡ୍ରାଇଭର ଏହି ମୃତ ଗୋରୁଙ୍କୁ ଚାଲନ୍ତି ନିକଟରେ ପକାଇ ଖସି ଚାଲିଯାଇଥିଲେ। ପ୍ରଶାସନିକ ଅଧିକାରୀ ବେଆଇନ ପ୍ରାଣୀଧନ ଚାଲାଣ ରୋକିବାକୁ ଜଳେଶ୍ୱର ଅଞ୍ଚଳବାସୀ ଦାବି କରିଛନ୍ତି।



ପିକ୍‌ଅପ୍‌ରେ ଛେଳିଗୁଡ଼ିକୁ ଲଦିକରି ନିଆଯାଉଛି।

### ଗାଡ଼ି ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ଯୋଡ଼ା ୧୨।୧(ଡି.ଏନ.ଏ.):** କେନ୍ଦୁଝର ଜିଲା ଯୋଡା ଥାନା ବିଲେଇପଦାଫାଣ୍ଡି ତଥା ୫୨୦ନଂ ଜାତୀୟ ରାଜପଥର ବିଲେଇପଦା କାରଣ ସାହି ଠାରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସୂଚନାନୁଯାୟୀ ରବିବାର ପୂର୍ବାହ୍ନ ୧୧ଟାରେ ବିଲେଇପଦାଠାରୁ ରିମୁଳି ଅଭିମୁଖେ ଏକ ବାଇକ୍‌ରେ କିଶୋର କୁମାର ଗଡନାୟକ(୩୫) ଯାଉଥିବା ବେଳେ ଉକ୍ତସ୍ଥାନରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଆରୋହୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ଟାଟାଷ୍ଟିଲ ଶବଖାନାରେ ରଖାଯାଇଥିବା ପୋଲିସ ସୂତ୍ରରୁ ଜଣାପଡିଛି। ମୃତ କିଶୋରଙ୍କ ଘର ଅନୁଗୋଳ ଜିଲା ପାଲଲହଡା ଥାନା ଅନ୍ତର୍ଗତ ଯଖପୁରା ଅଞ୍ଚଳରେ ବୋଲି ଜଣାପଡିଛି। ସେ ବିଲେଇପଦାରେ ଏକ ଘରୋଇ ଟେଲିକମ୍ ସଂସ୍ଥାରେ ରହି କାର୍ଯ୍ୟ କରୁଥିଲେ।

# ଗଳାକାଟି ଯୁବକଙ୍କୁ ହତ୍ୟା

**ବିଶୋଇ/ ରାଇରଙ୍ଗପୁର, ୧୨।୧(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ ବଡ଼ମଣଦା ଗ୍ରାମରେ ଶନିବାର ରାତିରେ ଜଣେ ଯୁବକଙ୍କୁ ଗଳାକାଟି ନୃଶଂସ ଭାବେ ହତ୍ୟା କରାଯାଇଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ମୃତଦେହ ଉଦ୍ଧାର କରି ପୋଲିସ ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ ଯୁବକ ଜଣକ ହେଲେ ସେହି ଗ୍ରାମର କୁଅଁର ନାଏକଙ୍କ ପୁଅ ଟିକା ଚରଣ ନାଏକ (୩୦)। ପୋଲିସ ସୂଚନା ଅନୁଯାୟୀ, ଗତ କିଛିଦିନ ହେଲା ଟିକା ନିଜ ଘରେ ଏକୁଟିଆ ରହୁଥିଲେ। ରବିବାର ସକାଳେ ଗ୍ରାମବାସୀ ତାଙ୍କ ରକ୍ତାକ୍ତ ମୃତଦେହ ଘର ଆଗରେ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଅତିରିକ୍ତ ଏସପି ଅଶୋକ କୁମାର ପଟ୍ଟନାୟକ, ରାଇରଙ୍ଗପୁର ଏସଡିପିଓ ସ୍ନେହାଶିଷ ସାହୁଙ୍କ ସମେତ ବିଶୋଇ ଥାନା ଅଧିକାରିଣୀ କୁନି ବେଶ୍ରା,ବାରିପଦାରୁ ସାଇଣ୍ଟିଫିକ ଦଳ ଆସି ତଦନ୍ତ କରିଥିଲେ। ଏନେଇ ଥାନାରେ ଏକ ମାମଲା(ନଂ.୬/୨୦୨୦) ରୁଜୁ ହୋଇଛି। ହତ୍ୟାକାରୀଙ୍କୁ ଯଥାଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରିଣୀ କହିଛନ୍ତି।

## ■ ଯୌତୁକ ଜୁଇରେ ମିତାରାଣୀ

# ନ୍ୟାୟ ଅପେକ୍ଷାରେ ବାପଘର ଲୋକେ

**ଔପଦା, ୧୨।୧(ଡି.ଏନ.ଏ.)**

ଯୌତୁକଜନିତ ହତ୍ୟା ଘଟଣାର ତଦନ୍ତରେ ପୋଲିସ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ନେଇ ବାଲେଶ୍ୱର ଜିଲା ଔପଦା ବ୍ଲକ ସଦର ବଜାର ନିକଟସ୍ଥ ମାଟିଗଡ଼ା ଗ୍ରାମର ରୁଦ୍ର କୁମାର ନାୟକଙ୍କ ପରିବାର ଅଭିଯୋଗ କରିଛନ୍ତି। ରୁଦ୍ରକୁମାର କହିଛନ୍ତି ଯେ, ତାଙ୍କ ବଡ଼ଝିଅ ମିତାରାଣୀଙ୍କୁ ଶ୍ୱଶୁର ଘର ଲୋକେ ଅଧିକ ଯୌତୁକ ପାଇଁ ପୋଡ଼ି ମାରି ଦେଇଥିବା ସେ ଗତ ମାସ ୨ ତାରିଖରେ ବାଲେଶ୍ୱର ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏନେଇ ଏକ ମାମଲା (ନଂ. ୩୮୯/୧୯) ରୁଜୁ କରିଥିଲା। ଘଟଣାର କିଛିଦିନ ପରେ ମୁଖ୍ୟ ଅଭିଯୁକ୍ତ ମିତାରାଣୀଙ୍କ ସ୍ୱାମୀ ବାଲେଶ୍ୱର ସଦର ଥାନା ଅନ୍ତର୍ଗତ ଘୋଡ଼ାପଦା ଗ୍ରାମର ତପନ ଖୁଣ୍ଟିଆଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଥିଲା। ଏହାମଧ୍ୟରେ ମାସେ ବିତିଯାଇଥିଲେ ବି ଅନ୍ୟ ଅଭିଯୁକ୍ତଙ୍କୁ ନ ଧରି ପୋଲିସ ତଦନ୍ତ ଆଳରେ ଦିନ ଗଡାଇ ଚାଲିଛି। ରୁଦ୍ର କୁମାର କହିଛନ୍ତି, ବସ୍ ଦୁର୍ଘଟଣାରେ ସେ ଗୋଟିଏ ଗୋଡ଼ ହରାଇ ଅକର୍ମଣ୍ୟ ହୋଇଯିବା ପରେ ବି ଧାରକରଜ କରି ଝିଅକୁ ୨୦୧୬ ଜୁଲାଇ ୧୩ତାରିଖରେ ତପନଙ୍କୁ ବିବାହ ଦେଇଥିଲେ। ପରେ ଶାଶୁଘର ଲୋକେ ଅଧିକ ଯୌତୁକ ଦାବିକରି ମିତାଙ୍କୁ ନିର୍ଯାତନା ଦେଇଆସୁଥିଲେ। ଗତ ନଭେମ୍ବର ୨୧ ତାରିଖରେ ସେମାନେ ମିତାଙ୍କ ଦେହରେ କିରୋସିନ ଢ଼ାଳି ନିଆଁ ଲଗାଇ ଦେଇଥିଲେ। ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡିସେମ୍ବର ୧ତାରିଖରେ ମିତାଙ୍କ ମୃତ୍ୟୁ ଘଟିଥିଲା। ଏହା ପରଦିନ ସେ ବାଲେଶ୍ୱର ସଦର ଥାନାରେ ୪ଜଣଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ କେବଳ ତପନଙ୍କୁ ଗିରଫ କରି ହାତବାନ୍ଧି ବସି ରହିଛି। ସେମାନଙ୍କୁ ଉଚିତ୍ ନ୍ୟାୟ ମିଳିନାହିଁ ବୋଲି ରୁଦ୍ର କୁମାର କହିଛନ୍ତି। ଏ ସମ୍ପର୍କରେ ସଦର ଥାନାର ନୂତନ ଅଧିକାରୀ କ୍ଷମାସାଗର ପଣ୍ଡା କହିଛନ୍ତି, ଘଟଣାର ଅଧିକ ତଦନ୍ତ ଜାରି ରହିଛି। ଅନ୍ୟମାନଙ୍କ ନାମରେ ହୋଇଥିବା ଅଭିଯୋଗ ପ୍ରମାଣିତ ହେଲେ ସେମାନଙ୍କୁ ଗିରଫ କରାଯିବ।

# ଧରାପଡ଼ିଲା ୧୦୦ ଟଙ୍କିଆ ଜାଲ ନୋଟ୍

**ହାଟଡିହୀ ,୧୨।୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ନନ୍ଦିପଦା ଥନା ହାଟଡିହୀ ବ୍ଲକ ଛକରେ ୧୦୦ ଟଙ୍କିଆ ନକଲି ନୋଟ ଧରାପଡ଼ିଛି। ରବିବାର ଜଣେ ରାଜମିସ୍ତ୍ରୀ ଏକ ଦୋକାନ କୁ ଆସି ଚା' ପିଇ ଥିଲେ। ଚା' ବାବଦରେ ଏକ ୧୦୦ ଟଙ୍କିଆ ନୋଟ ଦୋକାନୀକୁ ଦେଇଥିଲେ। ଦୋକାନୀ ୧୦୦ ଟଙ୍କିଆ ନୋଟ୍‌ଟି ନକଲି ଜାଣିବା ପରେ ରାଜମିସ୍ତ୍ରୀ ଜଣକ ଉପରେ ରାଗି ପାଟି କରିବା ସହ ନକଲି ନୋଟକୁ ଫେରସ୍ତ କରିଥିଲେ। ବାହାର ଅଞ୍ଚଳର ଲୋକେ ଏପରି ନକଲି ନୋଟ ଆଣି ଏଠାରେ କାରବାର କରୁଥିବା କୁହାଯାଉଛି। ତେବେ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଘଟଣା ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

## ■ ଆନ୍ତଃରାଜ୍ୟ ଦିବାକର ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ

# ଖଡ଼ଗପୁର ଏକାଦଶ ଚାମ୍ପିୟନ

**ବାସୁଦେବପୁର, ୧୨।୧(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ସୁଗୁଡ଼ାସ୍ଥିତ ନୀଳମଣି ମିନିଷ୍ଟାଡିୟମ ପରିସରରେ ଶ୍ରୀଗଣେଶ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୩୩ତମ ଆନ୍ତଃରାଜ୍ୟ ଦିବାକର ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଖଡ଼ଗପୁର ଏକାଦଶ ଚଳିତବର୍ଷର ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍ ଖଡ଼ଗପୁର ଏକାଦଶ ଓ ଜଳେଶ୍ୱର ରାଜଘାଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖଡ଼ଗପୁର ଏକାଦଶ ବିପକ୍ଷ ଦଳକୁ ୫ଟି ଗୋଲ ଦେଇ ବିଜୟୀ ହେବା ସହିତ ଚାମ୍ପିୟନ ହୋଇଛି। ମୁଖ୍ୟଅତିଥି ଭାବେ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଯୋଗଦେଇ ଚାମ୍ପିୟନ ଖଡ଼ଗପୁର ଏକାଦଶ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ରନର୍ସଅପ୍ ରାଜଘାଟ କ୍ଲବକୁ ଦେବଦତ୍ତ ନାୟକ ମେମୋରିଆଲ କପ୍ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପାଳିଆର ପୂର୍ବତନ ସରପଞ୍ଚ ବସନ୍ତ ନାୟକ ଓ ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି ଯୋଗ ଦେଇଥିଲେ। ବନମାଳି ବାରିକ ସଭାପତିତ୍ୱ ଓ ଉଦୟ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶ୍ରୀଗଣେଶ କ୍ଲବ ସଭାପତି ଗୌରାଙ୍ଗ ଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ପ୍ରଦାନ ଓ ସମ୍ପାଦକ ସୁବାସ ଚନ୍ଦ୍ର ନାୟକ ବିବରଣୀ ପାଠ କରିଥିଲେ। ସଞ୍ଜୟ ହେମ୍ବ୍ରମ ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ଆକବର ସାହା ମ୍ୟାନ ଅଫ୍ ଦି ସିରିଜ୍ ଭାବେ ବିବେଚିତ ହୋଇଥିଲେ। ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ କେଦାର ବିଶ୍ୱାଳ, ସେକ୍ ଭୋଲା ଓ ନାରାୟଣ ଧଳଙ୍କୁ ପୁରସ୍କୃତ କରାଯାଇଥିଲା।



ଚାମ୍ପିୟନ ଟିମ୍‌କୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

# ନାବାଳିକାଙ୍କୁ ନିର୍ଯାତନା ଅଭିଯୋଗ, ୩ ଗିରଫ

**ଯୋଡ଼ା, ୧୨।୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡା ସହରରେ ଜଣେ ନାବାଳିକାଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ପୋଲିସ ରବିବାର ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସର ସୂଚନାନୁଯାୟୀ ଜଣାପଡିଛି ଯେ, ଯୋଡା ସହରରେ ମୁଖାର୍ଜୀ ହଟିଂରେ ରହୁଥିବା ବିକାଶ ପ୍ରଧାନ ଘଟଗାଁ ଅଞ୍ଚଳର ଜଣେ ନାବାଳିକାଙ୍କ ସହିତ ପ୍ରେମ ସମ୍ପର୍କ ରଖିଥିଲେ। ବିକାଶ ପ୍ରଧାନ ଉକ୍ତ ନାବାଳିକାଙ୍କୁ ଦେଢ ମାସ ତଳେ ଯୋଡା ଆଣି ମୁଖାର୍ଜୀ ହଟିଂରେ ଏକ ଭଡା ଘରେ ରଖିଥିଲେ। ନାବାଳିକା ଜଣକ ଅନୁସୂଚିତ ଓ ଜନଜାତି ସଂପ୍ରଦାୟର ହୋଇଥିବାରୁ ସେମାନେ ଜାତିଆଣ ଭାବ ଆକ୍ଷେପ କରି ନାବାଳିକାଙ୍କୁ ଗାଳିଗୁଲଜ କରିବା ସହିତ ଶାରିରୀକ ନିର୍ଯାତନା ଦେଇଥିବା ନାବାଳିକାଙ୍କ ପରିବାର ପକ୍ଷରୁ ଗତ ତା୪।୧୨।୨୦୧୯ ରିଖରେ ଯୋଡା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା (ନଂ ୨୧୦/୨୦୧୯) ରୁଜୁକରି ଅଭିଯୁକ୍ତ ବିକାଶ ପ୍ରଧାନ, କୁନି ପ୍ରଧାନ ଓ ତ୍ରିଲୋଚନ ଗିରିଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ - ତଥାଗତ ସତପଥୀ

## ସଂକ୍ଷେପରେ

### ଶୀତର ପ୍ରକୋପ ବୃଦ୍ଧି ତାପମାତ୍ରା ୮.୮ ଡିଗ୍ରୀକୁ ଖସିଲା

**କେନ୍ଦୁଝର, ୧୨।୧(ଡି.ଏନ୍.ଏ.)-** କେନ୍ଦୁଝର ଜିଲାରେ ଶୀତର ପ୍ରକୋପ ବୃଦ୍ଧି ପାଇଥିବାବେଳେ ତାପମାତ୍ରା ୮.୮ଡିଗ୍ରୀ ସେଲସିୟସରେ ପହଞ୍ଚିଛି। ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଜାନୁଆରୀ ୯ ତାରିଖ ଦିନ କେନ୍ଦୁଝରର ସର୍ବନିମ୍ନ ତାପମାତ୍ରା ୧୪.୦ ଡିଗ୍ରୀ ସେଲସିୟସ ରହିଥିବାବେଳେ ୧୦ ତାରିଖରେ ସର୍ବନିମ୍ନ ତାପମାତ୍ରା ୧୨.୦ ଡିଗ୍ରୀରେ ପହଞ୍ଚି ଥିଲା। ସେହିପରି ୧୧ ତାରିଖ ଦିନ ତାପମାତ୍ରା ପୁଣି ହ୍ରାସ ପାଇ ୯.୦ ଡିଗ୍ରୀ ସେଲସିୟସ ରହିଥିଲା। ୧୨ ତାରିଖ ରବିବାର ଦିନର ସର୍ବନିମ୍ନ ତାପମାତ୍ରା ୮.୮ ଡିଗ୍ରୀ ସେଲସିୟସରେ ପହଞ୍ଚିଥିଲା। ତେବେ ଆଗାମୀ କିଛିଦିନ ପର୍ଯ୍ୟନ୍ତ ଶୀତର ପ୍ରକୋପ ଲାଗି ରହିବ ବୋଲି ଜଣାପଡିଥିବାବେଳେ ତାପମାତ୍ରା ଆହୁରି ହ୍ରାସ ପାଇବା ସମ୍ଭାବନା ରହିଥିବା ସୂଚନା ମିଳିଛି।

### ୧୯୮୩ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

**କେନ୍ଦୁଝର, ୧୨।୧(ଡି.ଏନ୍.ଏ.)-** ସ୍ଥାନୀୟ ଡିଏନ୍ ହାଇସ୍କୁଲ ପ୍ରାଙ୍ଗଣରେ ୧୯୮୩ ମସିହା ସିନିୟର ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ କମଳ କୁମାର ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ପୁରାତନ ଛାତ୍ରମାନେ ସମବେତ ହୋଇ ଦୀର୍ଘଦିନର ଅଭୁଲା ସ୍ମୃତିକୁ ମନେ ପକାଇବା ସହ ଆଗାମୀ ସମୟରେ ଏହି ବ୍ୟାଚ୍‌ର ଛାତ୍ରୀଛାତ୍ର ସମବେତ ହୋଇ ଏକ ଆଦିବାସୀ ଅଧୁଷିତ ଅଞ୍ଚଳର ପ୍ରାଥମିକ ବିଦ୍ୟାଳୟକୁ ପୋଷ୍ୟ ବିଦ୍ୟାଳୟ ରୂପେ ଗ୍ରହଣ କରିବାକୁ ସ୍ଥିର କରିବା ସହ ଗରିବମାନଙ୍କୁ ଶୀତବସ୍ତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ଗ୍ରହଣ କରିଥିଲେ। ଏଥିରେ ଏକଶହରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ର ଏକାଠି ହୋଇଥିଲେ। ବରଦା ପ୍ରସନ୍ନ ଦାସ, ଜ୍ଞାନରଞ୍ଜନ ମିଶ୍ର, ବାଦଲ ବାରିକ, ଉତ୍ତମ ମିଶ୍ର, ଆଶିଷ ଯେନାମଣୀ ପ୍ରମୁଖ ବନ୍ଧୁମିଳନକୁ ପରିଚାଳନା କରିଥିଲେ।

### କାମପାଳ ହାଟଡିହୀ ବିଜେଡି ସଭାପତି

**ହାଟଡିହୀ,୧୨।୧(ଡି.ଏନ.ଏ.)-** କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ହାଟଡିହୀ ପଞ୍ଚାୟତରେ ବିଜେଡି ଦଳର ସଭାପତି ଭାବେ ବରିଷ୍ଠ କର୍ମୀ କାମପାଳ ନାୟକ ନିର୍ବାଚିତ ହୋଇଛନ୍ତି। ବଞ୍ଚୋ ଜଗନ୍ନାଥ ମନ୍ଦିର ଠାରେ ଆୟୋଜିତ ଏକ ବୈଠକରେ ବିଧାୟକ ଭାଗିରଥୀ ସେଠି ଉପସ୍ଥିତ ଥିଲେ। ବିଧାୟକ ସେଠୀ ପୁଷ୍ପ ଗୁଚ୍ଛ ଦେଇ କାମପାଳଙ୍କୁ ସ୍ୱାଗତ କରିବା ସହ ଶୁଭେଚ୍ଛା ଜଣାଇଥିଲେ। କିପରି ସରକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅଧିକରୁ ଅଧିକ ସଚେତନ କରାଯିବା ସହ ଆଗାମୀ ଦିନରେ ଦଳକୁ ମଜଭୁତ କରିବା ଏବଂ ଜନହିତକର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଦିଗରେ ପ୍ରଥମେ ଲକ୍ଷ୍ୟ ଦେବେ ବୋଲି ସେ କହିଥିଲେ। ସେହିପରି ଜମ୍ବିରା ପଞ୍ଚାୟତର ଚଣ୍ଡି ପ୍ରସାଦ ରାଉତ, ମରେଇଗାଁ ପଞ୍ଚାୟତର ଦୁଃଶାସନ ସାହୁ ନିର୍ବାଚିତ ହୋଇଛନ୍ତି। ସେହିପରି ବ୍ଲକ ଅଧୀନ ଅନ୍ୟ ୩୦ଟି ପଞ୍ଚାୟତରେ ମଧ ପଞ୍ଚାୟତ ସଭାପତି ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ବସନ୍ତ ପଢିଆରି ଥିଲେ। ଆନନ୍ଦପୁର ଏମ୍ପି ପ୍ରତିନିଧି ଶାନ୍ତନୁ ସେଠି, ଶଶାଙ୍କ ଶେଖର ପୁହାଣ, ବୁଧଦେବ ଜେନା, ପ୍ୟାରୀ ମୋହନ ମଲିକ, ବିଶ୍ୱନାଥ ଖଟୁଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସାହାଯ୍ୟ କରିଥିଲେ।

### ଯୋଡ଼ା ଟ୍ରକ ମାଲିକ ସଂଘର ବନ୍ଧୁମିଳନ

**ଚମ୍ପୁଆ,୧୨।୧(ଡି.ଏନ.ଏ.)-** ଯୋଡା ଟ୍ରକମାଲିକ ସଂଘର ମିରିଙ୍ଗିସିଙ୍ଗାଠାରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ମିରିଙ୍ଗସିଙ୍ଗା ବୈତରଣୀ ନଦୀ ତଟ ଶିବ ମନ୍ଦିର ପାଖରେ ଏହି ବନ୍ଧୁ ମିଳନରେ ଯୋଡା, ଝୁମ୍ପୁରା, ଚମ୍ପୁଆ, ରିମୁଳି, ବିଲେଇପଦା, ବାମେବାରିରୁ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ଟ୍ରକ ମାଲିକ ଯୋଗ ଦେଇଥିଲେ। ଟ୍ରକ ମାଲିକ ସଂଘ ସଭାପତି ଭକ୍ତବନ୍ଧୁ ମହାନ୍ତ ଓ ସମ୍ପାଦକ ରବି ଦାସ, ସହ ସମ୍ପାଦକ ଜୟନ୍ତ ବେହେରା, ହଳଧର ସାହୁ, ଚିତ୍ତ ମହାନ୍ତ ସୁର ସାହୁ, ପ୍ରଭାସ ଗୁପ୍ତା, ରାଜେଶ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

# ମରଣଯନ୍ତା ପାଲଟିଛି କେନ୍ଦୁଝର ରାଜରାସ୍ତା

**ନରେଶ ଚନ୍ଦ୍ର ପଟ୍ଟନାୟକ**
**କେନ୍ଦୁଝର, ୧୨।୧**

- ବଢୁଛି ଦୁର୍ଘଟଣା
- ଗୋଟିଏ ବର୍ଷରେ ୬୭୪ ଦୁର୍ଘଟଣାରେ ୩୩୩ ଜଣଙ୍କ ମୃତ୍ୟୁ

କେନ୍ଦୁଝର ଜିଲାରେ ଦୁର୍ଘଟଣା ଏକ ନିତିଦିନିଆ ଘଟଣା ହୋଇଛି। ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟି ବ୍ୟାପକ ଧନଜୀବନ ହାନି ଘଟୁଛି। ସତେଯେପରି ଜିଲାର ବିକାଶ ପାଇଁ ଦୁର୍ଘଟଣା ଜରୁରି। ତେବେ ଜିଲାର ବିକାଶ କ'ଣ ହୋଇଛି, ତାହା ସମସ୍ତେ ଜାଣନ୍ତି। ତେବେ ଜିଲାରେ ଦୁର୍ଘଟଣାଜନିତ ବୃଦ୍ଧି ପାଉଥିବା ମୃତାହତ ଜିଲା ପାଇଁ ଅଭିଶାପ ପାଲଟିଛି। ପ୍ରକୃତପକ୍ଷେ ଏହାକୁ ରୋକିବାରେ ଜିଲା ପ୍ରଶାସନଠାରୁ ଆରମ୍ଭ କରି ସରକାରଙ୍କର ଆନ୍ତରିକତା ଥିବା ପରି ମନେହେଉନାହିଁ । ପ୍ରତିବର୍ଷ ଦୁର୍ଘଟଣା ଓ ମୃତାହତ ବୃଦ୍ଧି ପାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ପରିବହନ ବିଭାଗର ଅବହେଳା, ପ୍ରଶାସନର ଖାମଖିଆଲ ମନୋଭାବ ସାଙ୍ଗକୁ ଚାଳକଙ୍କ ବେପରୁଆ ଗାଡ଼ି ଚାଳନା, ବିଭିନ୍ନ ଆଇନ, ନୀତିନିୟମର ଖୋଲାଖୋଲି ଉଲ୍ଲଂଘନ ଏହି ଦୁର୍ଘଟଣାର କାରଣ ବୋଲି କୁହାଯାଉଛି। ସମସ୍ତେ ଭାବିଥିଲେ, ଖଣିଖାଦାନ ଓ ଶିଳ୍ପ ଆସିଲେ ଜିଲା ରାସ୍ତାଘାଟର ସୁଧାର ହେବ ଏବଂ ଜିଲାର ଅବସ୍ଥା ବଦଳିବ। କିନ୍ତୁ ଏଠାକାର ଗମନାଗମନ ଅବସ୍ଥା ଶୋଚନୀୟ ହୋଇରହିଛି। ପୋଲିସ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ୨୦୧୯ ମସିହାରେ ଜିଲାରେ ୬୭୪ ଦୁର୍ଘଟଣାରେ ୩୩୩ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ୨୦୧୮ରେ ୬୩୯ ଦୁର୍ଘଟଣାରେ ୩୧୬ ଜଣଙ୍କ ମୃତ୍ୟୁ ଘଟିଥିଲା। ତେବେ ପୂର୍ବ ବର୍ଷ ତୁଳନାରେ ଦୁର୍ଘଟଣା ଓ ମୃତାହତ ସଂଖ୍ୟା ବୃଦ୍ଧିପାଉଥିବାରୁ ସାଧାରଣରେ ଚିନ୍ତା ପ୍ରକାଶ ପାଉଥିବା ବେଳେ ଏହାକୁ ନେଇ ବିଭିନ୍ନ ମହଲରେ ଘୋର ଉଦ୍‌ବେଗ ପ୍ରକାଶ ପାଉଛି।

ପ୍ରକାଶ ଯେ, କେନ୍ଦୁଝର ଜିଲାରେ ଗତ ୫ ବର୍ଷ ମଧ୍ୟରେ ୨୯୪୩ଟି ଦୁର୍ଘଟଣା ଘଟି ୧୪୨୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ପାଖାପାଖି ୧୪ ଶହରୁ ଉର୍ଦ୍ଧ୍ୱ ଗୁରୁତର ଆହତ ହୋଇ ବିକଳାଙ୍ଗ ହୋଇଛନ୍ତି । ସରକାରୀ ତଥ୍ୟ ଅନୁଯାୟୀ, ୨୦୧୫ ମସିହାରେ ୪୮୧ ଦୁର୍ଘଟଣାରେ ୨୦୮ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୧୬ରେ ସମୁଦାୟ ୫୫୭ଟି ଦୁର୍ଘଟଣାଜନିତ ୨୫୪ ଜଣଙ୍କ ପ୍ରାଣହାନି ଘଟିଛି। ସେହିପରି ୨୦୧୭ରେ ୫୯୨ଟି ଦୁର୍ଘଟଣା ଘଟି ୩୧୨ ଜଣଙ୍କ ମୃତ୍ୟୁ ଘଟିଥିଲା । ଏଥିରେ ପାଖାପାଖି ୧୨୦୦ ଜଣ ଗୁରୁତର ଆହତ ହୋଇ ବିକଳାଙ୍ଗ ହୋଇଯାଇଥିବା ବେଳେ ୨ ହଜାରରୁ ଅଧିକ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି । ପ୍ରକାଶ ଯେ, ଖଣି ଖାଦାନସମୃଦ୍ଧ କେନ୍ଦୁଝର ଜିଲାର ଅନେକ ରାସ୍ତାଘାଟ ବିପର୍ଯ୍ୟସ୍ତ ହୋଇପଡ଼ିଛି । ଏହି ଜିଲା ମଧ୍ୟ ଦେଇ ଦୁଇଟି ବ୍ୟସ୍ତବହୁଳ ଜାତୀୟ ରାଜପଥ ୪୯ ଓ ୨୦ ଯାଇଥିବାରୁ ଅଧିକାଂଶ ଦୁର୍ଘଟଣା ଏଠାରେ ଘଟୁଛି। ଦୁର୍ଘଟଣା ରୋକିବା ପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ସାଙ୍ଗକୁ ବ୍ୟାପକ ଧରପଗଡ଼ କରାଯାଉଥିଲେ ହେଁ ବେପରୁଆ ଗାଡ଼ିଚାଳନା, ମଦ ପିଇ ଗାଡ଼ିଚାଳନା ଆଦି ଯୋଗୁ ଦୁର୍ଘଟଣା ଘଟୁଛି ବୋଲି ଆଇନଜୀବୀ ସୁରଜ ମହାପାତ୍ର କହିଛନ୍ତି। ବିନା ଫିଟ୍‌ନେସ୍‌ରେ ଗାଡ଼ି ଚଳାଚଳ, ଓଭରଲୋଡିଂ, ଅନଭିଜ୍ଞ ବ୍ୟକ୍ତିଙ୍କ ଦ୍ୱାରା ଗାଡ଼ିଚାଳନା, ଧାର୍ଯ୍ୟଠାରୁ ଅଧିକ ମାଲ୍ ବା ଯାତ୍ରୀ ପରିବହନ ଆଦି ଦୁର୍ଘଟଣାର କାରଣ ବୋଲି ମତପ୍ରକାଶ ପାଉଛି । ଦୁର୍ଘଟଣା ରୋକିବା ପାଇଁ କଡ଼ାକଡ଼ି ଆଇନ ପ୍ରଣୟନ କରିବା ସହ ନିୟମିତ ଧରପଗଡ଼ କରାଯାଇ ଫାଇନ୍ ଆଦାୟ କରାଯାଉଛି। ସେହିପରି ଟ୍ରାଫିକ୍ ନିୟମ ଓ ଦୁର୍ଘଟଣା ରୋକିବା ପାଇଁ ଲୋକଙ୍କୁ ସଚେତନ କରାଯାଉଛି ବୋଲି କେନ୍ଦୁଝର ଆର୍‌ଟିଓ ନିର୍ମଳ କୁମାର ମହାନ୍ତି କହିଛନ୍ତି ।

# ଆନନ୍ଦପୁରରେ ମିନି ମାରାଥନ୍



ପତାକା ଦେଖାଇ ମାରାଥନର ଆରମ୍ଭ କରାଯାଉଛି।

**ଆନନ୍ଦପୁର,୧୨।୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଆନନ୍ଦପୁର ସତ୍ୟସାଇ ସେବା ସମିତି ପକ୍ଷରୁ ରବିବାର ଏକ ମିନି ମାରାଥନ ଆୟୋଜିତ ହୋଇଥିଲା। ଜିଲା ସଭାପତି ବିଷ୍ଣୁପ୍ରସାଦ ଜେନା ଏଥିକୁ ସଂଯୋଜନା କରିଥିଲେ। ଆନନ୍ଦପୁର ବ୍ଲକ ଏବିଡିଓ ବିଚିତ୍ର କୁମାର କର, ଥାନା ଅଧିକାରୀ ଗଗନ ବିଶ୍ୱାଳ ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଶ୍ୱରେ ମାନବ ଜାତି ମଧ୍ୟରେ ଏକତା ରକ୍ଷା ପାଇଁ ମିନି ଦୌଡ଼ ପୂର୍ବରୁ ଏକ ସଂକଳ୍ପପତ୍ର ପାଠ କରାଯାଇଥିଲା, ଯେଉଁଥିରେ ଯୁବକମାନେ ଏକ ହୋଇ ଏକ ନୂତନ ପୃଥିବୀ ଗଠନ କରିବାକୁ ସଂକଳ୍ପ ନେଇଥିଲେ। ଆନନ୍ଦପୁର ବ୍ରିଜ୍‌ଛକସ୍ଥିତ ସାଇ ମନ୍ଦିରରେ ଆରତି ପରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏହି ମିନି ଦୌଡ଼ ଆନନ୍ଦପୁର କଚେରିଠାରୁ ବାହାରି ବ୍ରିଜ୍‌ଛକସ୍ଥିତ ସାଇ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ୧୩୩ ଯୁବତୀଯୁବକ ଅଂଶଗ୍ରହଣ କରିଥିଲେ। ଆନନ୍ଦପୁର ମହାବିଦ୍ୟାଳୟ ଅଧ୍ୟାପକ ରଘୁଦୀପ୍ତ ନାୟକଙ୍କ ଉପସ୍ଥିତିରେ ଏନ୍‌ସିସି ଏବଂ ଏନ୍‌ଏସ୍‌ଏସ୍ ଛାତ୍ରୀଛାତ୍ରୀ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ଆନନ୍ଦପୁର ସାଇସେବା ସମିତ ପକ୍ଷରୁ ଡାକ୍ତର ଶିଶିର କୁମାର ଦାସ, ବିନୋଦ ବିହାରୀ ମିଶ୍ର, ଦିଲୀପ କୁମାର ଧଳ, ଚଞ୍ଚଳ କୁମାର ଗାଙ୍ଗୁଲି, ଡ. ବିଜୟ କୁମାର କର, ନବକିଶୋର ଦଳେଇ, ବିଜୟ କୁମାର ମିଶ୍ର, ପ୍ରଶାନ୍ତ ଚକ୍ର, ଦେବୀ ପ୍ରସନ୍ନ ଦାସ, ରାଜୁ ସାହୁ, ବିକାଶ ମାଝି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ସର୍ବଭାରତୀୟ ମା' ବାସୁଳି କପ୍ କ୍ରିକେଟ ଟୁର୍ନାମେଣ୍ଟ

# ଚରମ୍ପା ଏକାଡେମୀ ଚାମ୍ପିୟନ

**ହାଟଡିହୀ,୧୨।୧(ଡି.ଏନ.ଏ.)**



ଚାମ୍ପିୟନ ଟିମ୍‌କୁ ପୁରସ୍କୃତ କରାଯାଉଛି।

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ହାଟଡିହୀ ମଠ କପୁଣ୍ଡି ମିନି ଷ୍ଟାଡିୟମ ଠାରେ ସର୍ବଭାରତୀୟ ମା ବାସୁଳି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶେଷ ହୋଇଛି । ବିଧାୟକ ଭାଗିରଥି ସେଠି, ବିଜେଡି ଜିଲା ସଭାପତି ବିଦ୍ୟାଧର ବିଶ୍ୱାଳ, ଚାଟାର୍ଡ ଆକାଉଣ୍ଟାଣ୍ଟ ପଙ୍କଜ ନାୟକ, ଯୁବପରିଷଦର ସଭାପତି ଚିନ୍ମୟ ନାୟକ, ସମ୍ପାଦକ ଚିତ୍ତ ରଞ୍ଜନ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଥିଲେ। ଫାଇନାଲ ମ୍ୟାଚ ଛତିଶଗଡ ଫରେଷ୍ଟ ଓ ଭଦ୍ରକ ଚରମ୍ପା ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୨୫ ଓଭର ମ୍ୟାଚ୍ ବିଶିଷ୍ଟ ଟୁର୍ନାମେଣ୍ଟରେ ଛତିଶଗଡ ଫରେଷ୍ଟ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଛତିଶଗଡ ଫରେଷ୍ଟ ୨୪.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୬୦ ରନ ସଂଗ୍ରହ କରିଥିଲା। ଜବାବରେ ଚରମ୍ପା ଏକାଡେମୀ ୨୩.୧ ଓଭରରେ ୮ ଉଇକେଟ ବିନିମୟରେ ୧୬୫ ରନ ସଂଗ୍ରହ କରି ଚାମ୍ପିୟନ ହୋଇଛି। ଚାମ୍ପିୟନ ଦଳକୁ ଟ୍ରଫି ଓ ୫୦ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । ରନର୍ସଅପ ଦଳକୁ ମଧ ଟ୍ରଫି ଓ ୩୦ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ବିଷ୍ଣୁସାଗର ବାରିକ, ବେଷ୍ଟ ବୋଲର ପ୍ରଣବ ଦାସ, ବେଷ୍ଟ ବ୍ୟାଟ୍ସମ୍ୟାନ କୁମାର କରଣ ଓ ମ୍ୟାନ ଅଫ ଦି ସିରିଜ୍ ମନୋଜ ସିଂଙ୍କୁ ପ୍ରଦାନ କରାଯାଇଥିଲା । ଅମ୍ପାୟର ଭାବେ ସଞ୍ଜୀବ ବେହେରା ଓ ସାନ୍ତନୁ ରାଉତ, ଭାଷ୍ୟକାର ଭାବେ ସଞ୍ଜୟ ମଜୁମଦାର, ଜ୍ଞାନ ରଞ୍ଜନ ଘଡେଇ, ଗଣେଶ କୁଅଁର ଓ ସୁଧାଂଶୁ ଶେଖର ମହାନ୍ତି, ସ୍କୋରର ଭାବେ ଜ୍ୟୋତି ରଞ୍ଜନ ଜେନା, ମଣ୍ଟୁ ଜେନା, କାହ୍ନା ଜେନା ଦାୟିତ୍ୱ ତୁଲାଇଥିଲେ। ଆଞ୍ଚଳିକ ଯୁବପରିଷଦର ଉପଦେଷ୍ଟା ମନୋଜ କୁମାର ପାତ୍ର, ବରିଷ୍ଠ କର୍ମକର୍ତ୍ତା ଧବଳେଶ୍ୱର ପଟ୍ଟନାୟକ, ଅମୀୟ ରଞ୍ଜନ ନାୟକ, ପଦ୍ମନାଭ ସାମଲ, ବିଜୟ ମଲିକ, ଅମୂଲ୍ୟ କୁମାର ଜେନା, ବିଭୂତି ଭୂଷଣ ଜେନା, ସୁକାନ୍ତ ବେହେରା ପ୍ରମୁଖ ଯୁବପରିଷଦର କର୍ମକର୍ତ୍ତାମାନେ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

### ଆନ୍ତଃସ୍କୁଲ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ

**କେନ୍ଦୁଝର, ୧୨।୧(ଡି.ଏନ.ଏ.)**

ବାଲେଶ୍ୱର ଡାଏସିସ ଅଧୀନରେ ଥିବା ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରୀମାନଙ୍କ ଦ୍ୱାରା ବିସପ ସାଇମନଙ୍କ ସ୍ମୃତିରେ କ୍ରୀଡା ପ୍ରତିଯୋଗିତା-୨୦୨୦ କେନ୍ଦୁଝର ନିର୍ମଳା କନଭେଣ୍ଟରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଟାଉନହଲ ପଡିଆ ଅନୁଷ୍ଠିତ କ୍ରୀଡାରେ ବାଲେଶ୍ୱର ଜୋନ ଅଧୀନରେ ଥିବା ୧୨ଟି ସ୍କୁଲ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଦିବସରେ ବାଲେଶ୍ୱର ଡାଏସିସର ପରିଚାଳକ ରେଭେରେଣ୍ଡ ଫାଦର ପୁଥେନାନଗଡି ଆଇଜାକଙ୍କ ସଭାପତିତ୍ୱରେ କେନ୍ଦୁଝର ଇନକମଟ୍ୟାକ୍ସ ଅଫିସର ମନ୍ମଥ କୁମାର ରାଉତ, ସମ୍ମାନିତ ଅତିଥିଭାବେ କେନ୍ଦୁଝର ଜିଲା କ୍ରୀଡା ସଂସ୍ଥାର ସମ୍ପାଦକ ଜନାର୍ଦ୍ଦନ ଦାଶ, ବିସପ ସାଇମନ ମେମୋରିଆଲ ଆନ୍ତଃସ୍କୁଲର ସଂଯୋଜକ ରେଭେରେଣ୍ଡ ଫାଦର ଜୋସ ଆରାସେରିଲ ଯୋଗ ଦେଇ କ୍ରୀଡା ସମାରୋହକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ବିଦ୍ୟାଳୟସ୍ତରରେ କ୍ରୀଡା ପ୍ରତିଯୋଗିତା ପ୍ରତିଭା ଅନ୍ୱେଷଣ ସହିତ କ୍ରୀଡା ପ୍ରତିଭାର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ଆରକ୍ଷୀ ଅଧିକ୍ଷକ ମିତ୍ରଭାନୁ ମହାପାତ୍ର ଯୋଗଦେଇ କ୍ରୀଡାବିତ୍‌ମାନଙ୍କୁ ଶୁଭେଚ୍ଛା ଜଣାଇ ଖେଳାଳୀମାନେ କ୍ରୀଡା କ୍ଷେତ୍ରରେ ସୁନାମ ବର୍ଦ୍ଧନ କରିବାକୁ ଆହ୍ୱାନ ଜଣାଇଥିଲେ। ମୁଖ୍ୟଅତିଥି ବିଭିନ୍ନ ବର୍ଗରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ନିର୍ମଳା କନଭେଣ୍ଟ ସ୍କୁଲ ଦଳଗତ ଚାମ୍ପିୟନ ହୋଇଥିବାବେଳେ ଦ୍ୱିତୀୟ ସ୍ଥାନରେ ଯୁଗ୍ମଭାବେ ସେଣ୍ଟମେରୀ ସ୍କୁଲ,ବଡବିଲ ଓ ସେଣ୍ଟ ଟେରେସା ସ୍କୁଲ ଯୋଡା,ତୃତୀୟ ସ୍ଥାନରେ ଜ୍ୟୋତି କନଭେଣ୍ଟ ସ୍କୁଲ ଭଦ୍ରକ ରହିଥିଲା।

# ଚମ୍ପୁଆରେ ବୈଦ୍ୟ ସମ୍ମିଳନୀ

**ଚମ୍ପୁଆ,୧୨।୧(ଡି.ଏନ୍.ଏ)**

ଚମ୍ପୁଆ ବ୍ଲକ ଅନ୍ତର୍ଗତ କାଳିକାପ୍ରସାଦ ତାରିଣୀ ପୀଠ ନିକଟ ଜଙ୍ଗଲରେ ମୁକ୍ତାକାଶ ବୈଦ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅପରାଜିତା ବୈଦ୍ୟସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଭିକାରୀ ଚରଣ ବେହେରା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଜିଲା ଶାନ୍ତି ବୈଦ୍ୟସଂଘର ଶ୍ରୀନିବାସ ଗିରି ଓ ସମ୍ମାନିତ ଅତିଥି ଭାବେ ବୈତରଣୀ ବୈଦ୍ୟସଂଘ ଝୁମ୍ପୁରାର ଅବ୍‌ଦୁଲ ରେହେମାନ ଓ ନେତ୍ରାନନ୍ଦ ମହାରଣା ପ୍ରମୁଖ ବୈଦ୍ୟ ଯୋଗଦେଇଥିଲେ। ଏହି ପାରମ୍ପରିକ ବୈଦ୍ୟ ସମ୍ମିଳନୀରେ ଜଙ୍ଗଲର ସୁରକ୍ଷା, ନୂତନ ଔଷଧୀୟ ବୃକ୍ଷ ରୋପଣ, ବୈଦ୍ୟମାନଙ୍କର ସରକାରୀ ମାନ୍ୟତା, ଛତିଶଗଡ଼ ଓ ନାଗାଲାଣ୍ଡ ଭଳି ପାରମ୍ପରିକ ସ୍ୱାସ୍ଥ୍ୟସେବା ବୋର୍ଡ ଗଠନ, ଘରୋଇ ଉଦ୍ୟାନ ସୃଷ୍ଟି କରିବା ପାଇଁ ସର୍ବସାଧାରଣଙ୍କୁ ସଚେତନ କରିବା ଉପରେ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଇଥିଲା। ଅଳ୍ପ ଖର୍ଚ୍ଚରେ ପାର୍ଶ୍ୱପ୍ରତିକ୍ରିୟାବିହୀନ ଔଷଧୀୟ ବୃକ୍ଷ ରୋପଣ କରାଗଲେ ବୈଦ୍ୟମାନେ ଅଧିକ ଅର୍ଥ ଅପଚୟ କରି ବାହାରୁ ଆବଶ୍ୟକ ଔଷଧ ପଦାର୍ଥ କିଣିବାରୁ ନିବୃତ୍ତ ହେଲେ ସ୍ଥାନୀୟ ଲୋକେ ଏହାର ସୁଫଳ ପାଇପାରିବେ ବୋଲି ମୁଖ୍ୟଅତିଥି ମତ ଦେଇଥିଲେ। ଏହି ସମ୍ମିଳନୀକୁ ବୈଦ୍ୟ ଯୁଧିଷ୍ଠିର ମହାନ୍ତ ପରିଚାଳନା କରିଥିଲେ।


ସମ୍ମିଳନୀରେ ଉପସ୍ଥିତ ବୈଦ୍ୟମାନେ।

# 'ଆଗକୁ ବାଟ କଢ଼ାଇ ନିଏ ଜିଜ୍ଞାସୁ ମନୋଭାବ'

**ଝୁମ୍ପୁରା, ୧୨।୧(ଡି.ଏନ.ଏ.)**



ଉଦ୍‌ଯାପନୀ ଉତ୍ସବରେ ଅତିଥି।

ଜିଜ୍ଞାସୁ ମନୋଭାବ ଛାତ୍ରୀଛାତ୍ରଙ୍କୁ ଆଗକୁ ବାଟ କଢ଼ାଇ ନେଇଥାଏ। ଜିଜ୍ଞାସୁସମ୍ପନ୍ନ ଶିକ୍ଷାର୍ଥୀ ଅଧ୍ୟୟନ କ୍ଷେତ୍ରରେ ଅଧ୍ୟବସାୟ ଜାରି ରଖିଲେ ସଫଳତା ପାଇବା ସହ ବିଦ୍ୟାଳୟର ଗୌରବ ବଢ଼ାଇପାରିବେ ବୋଲି କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ ଅନ୍ତର୍ଗତ ବାଲିବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଗତ ୧୦ ଓ ୧୧ତାରିଖ ୨ଦିନ ଧରି ପାଳିତ ଏହି ସମାରୋହର ଉଦ୍‌ଘାଟନୀ ଉତ୍ସବରେ ମଣ୍ଡଳ ଶିକ୍ଷାଧିକାରୀ ଦୁଃଶାସନ ସିଂ, ସ୍ୱାମପାଟଣା ମହାବିଦ୍ୟାଳୟର ଇଂଲିଶ୍ ପ୍ରାଧ୍ୟାପକ ଅଶ୍ୱିନୀ ସାହୁ ଅତିଥି ଏବଂ ଆନନ୍ଦପୁର ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ହରିଶ୍ଚନ୍ଦ୍ର ବାରିକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାଏକ, କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, କେନ୍ଦୁଝର ସଦର ବିଧାୟକ ମୋହନ ଚରଣ ମାଝି, ୧୭ନଂ. ଜିଲା ପରିଷଦ ସଭ୍ୟ ଅନୁବ୍ରତ ବେହେରା, ଝୁମ୍ପୁରା ଆଇଆଇସି ବିରଞ୍ଚି ବାଗ, ସ୍ଥାନୀୟ ଅଗ୍ନିଶମ ଅଧିକାରୀ ବିଶିକେଶନ ଦାଶ ଅତିଥି ଏବଂ ଧରଣୀଧର ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ବିଦ୍ୟାଧର ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ୧୯୬୯ରୁ ଆରମ୍ଭ ହୋଇଥିବା ଏହି ବିଦ୍ୟାଳୟ ଏଥର ସୁବର୍ଣ୍ଣ ଜୟନ୍ତୀ ପାଳନ କରୁଥିବାରୁ ଏହାର ଐତିହ୍ୟ ଓ ଗୌରବ ଉପରେ ଆଲୋକପାତ କରାଯାଇଥିଲା। ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଓ ଛାତ୍ରୀଛାତ୍ର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ୨ଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଆନନ୍ଦପୁର ମହାବିଦ୍ୟାଳୟରେ ଜାତୀୟ ଯୁବ ଦିବସ

**ଆନନ୍ଦପୁର, ୧୨।୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଆନନ୍ଦପୁର ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଯୁବ ରେଡକ୍ରସ୍ ଶାଖା ପକ୍ଷରୁ ରବିବାର ଜାତୀୟ ଯୁବ ଦିବସ ପାଳିତ ହୋଇଥିଲା। ଅଧ୍ୟକ୍ଷ ପ୍ରଫେସର ରାଜେନ୍ଦ୍ର ନାରାୟଣ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରଫେସର ଅମୂଲ୍ୟ କୁମାର ସାହୁ, ପ୍ରଫେସର କୃଷ୍ଣଚନ୍ଦ୍ର ମହାନ୍ତ, ପ୍ରଫେସର ଅକ୍ଷୟ କୁମାର ଗୁଇଁ, ନାଆମି ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ବିଷ୍ଣୁ ପ୍ରସାଦ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବର୍ତ୍ତମାନର ଯୁବପିଢ଼ି ସ୍ୱାମୀ ବିବେକାନନ୍ଦଙ୍କ ଦର୍ଶନ ଓ ବାଣୀକୁ ଅନୁସରଣ କରି ଦେଶମାତୃକା ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଯୁବ ରେଡକ୍ରସର ଉପଦେଷ୍ଟା ପ୍ରଫେସର ପ୍ରଫୁଲ୍ଲ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ରଘୁଦୀପ୍ତ ନାୟକ, ଧିରେନ୍ଦ୍ର ପତି, ପୁଷ୍ପଲତା ରାମ, ମନୋଜ କୁମାର ମହାନ୍ତି, ଅନନ୍ତ ଚରଣ ସାହୁ, କେଶବ ଜେନା, ଦେବେନ୍ଦ୍ର ରାମ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

### ଦିନିକିଆ ଭଲିବଲ ଟୁର୍ନାମେଣ୍ଟ

# ଦମକଳ ବାହିନୀ ଦଳ ଚାମ୍ପିୟନ

**ତେଲକୋଇ, ୧୨।୧(ଡି.ଏନ.ଏ.)**

ତେଲକୋଇ ବ୍ଲକ ଅନ୍ତର୍ଗତ ସଲେଇକେନା ପଞ୍ଚାୟତ ଅଧୀନ ଡିମିରିଆ ପଡିଆରେ ଦିନିକିଆ ଭଲିବଲ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବ ହୋଇଛି। ଏହି ଭଲିବଲ ଟୁର୍ନାମେଣ୍ଟର ଆୟୋଜକ ଥିଲେ ବାବା ଉମାପତିଶ୍ୱର କ୍ଲବ। ଏଥିରେ ୮ଟି ଭଲିବଲ ଦଳ ସାମିଲ ହୋଇଥିଲେ। ଶେଷରେ ତେଲକୋଇ ଦମକଳ ବାହିନୀ ଓ ଜଟ ଭଲିବଲ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚରେ ଦମକଳ ବାହିନୀ ଦଳ ଚାମ୍ପିୟନ ହୋଇ ଟ୍ରଫି ସହିତ ପୁରସ୍କୃତ ହୋଇଥିଲେ। ତେବେ ରନର୍ସଅପ୍ ଟିମ୍‌କୁ ମଧ ଅତିଥି ପୁରସ୍କୃତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନିଳମଣୀ ଦେହୁରୀ ସମସ୍ତ ବିଜେତାଙ୍କୁ ପୁରସ୍କୃତ କରିଥିଲେ । ସଞ୍ଜୟ ବେହେରା ଓ ଡମ୍ବରୁଧର ପ୍ରଧାନ ଖେଳ ପରିଚାଳନା କରିଥିଲେ।


ଡିମିରିଆ ପଡିଆରେ ଦିନିକିଆ ଭଲିବଲ ଟୁର୍ନାମେଣ୍ଟ ଚାଲିଥିବାର ଏକ ଦୃଶ୍ୟ।

# ଚିଲିକା ମାଛର କେନ୍ଦୁଝରରେ ଚାହିଦା

**କେନ୍ଦୁଝର, ୧୨।୧(ସ୍ୱ.ପ୍ର.)**


ମହିଳା ମାଛ ବ୍ୟବସାୟୀ ମାଛ ବିକ୍ରି କରୁଛନ୍ତି।

କେନ୍ଦୁଝର ସହରରେ ଚିଲିକା ମାଛର ଚାହିଦା ବଢୁଛି । କମ୍ ଦାମ୍‌ରେ ଚିଲିକା ମାଛ ମିଳୁଥିବାରୁ କେନ୍ଦୁଝରବାସୀ ବେଶ୍ ଖୁସି । ଚିଲିକାର ଚିଙ୍ଗୁଡ଼ି, ଇଲିଶ, କଙ୍କଡ଼ା, ଚୂନା, ପାତୁଆ, କଇଁଗି ଆଦି ମାଛ ଏଠାରେ ଉପଲବ୍ଧ ହେଉଛି । ମହିଳା ବ୍ୟବସାୟୀ ଟ୍ରେନ୍ ଯୋଗେ ବାଲୁଗାଁରୁ ମାଛ ନେଇ କେନ୍ଦୁଝର ସହରକୁ ଆସନ୍ତି ଏବଂ ଧୋବାଡିହା ଛକ ନିକଟରେ ବିକିଥାନ୍ତି । ତାଙ୍କୁ ସହାୟତା କରିବାକୁ ଆଉ ଜଣେ ମହିଳା ଆସିଥାନ୍ତି। ସପ୍ତାହରେ ପ୍ରାୟ ୨ଥର ବିଶେଷକରି ବୁଧବାର ଓ ରବିବାର ମାଛ ଆଣି ବିକିଥାନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଆମ୍ମା ବୋଲି ଡାକିଥାନ୍ତି। ବିଭିନ୍ନ ପ୍ରକାର ମାଛ ଆଣି ବିକି ଫେରିଯାଆନ୍ତି। ଅନେକ ସମୟରେ କେନ୍ଦୁଝରରେ ରହିବାକୁ ପଡ଼େ। ଏଣୁ ଘର ଭଡ଼ା ନେଇଥିବା କୁହନ୍ତି । ଯେଉଁମାନେ ଜାଣିଛନ୍ତି ସେମାନେ ମାଛ ପାଇଁ ଠିକ୍ ସମୟରେ ପହଞ୍ଚି ଯାଆନ୍ତି। ମାଛ ଦେଖି ଦାମ୍। ଛୋଟ ଚିଙ୍ଗୁଡି ସବୁଠାରୁ ଅଧିକ ଚାହିଦା ଥାଏ। ଇଲିଶ କିଲୋ ପାଖାପାଖି ୪୦୦ରୁ ୫୦୦ ଟଙ୍କା ବୋଲି କୁହନ୍ତି । ସବୁବେଳେ ପୁରୁଷ ମାଛ ଚାଷୀ ବା ବ୍ୟବସାୟୀ ମାଛ ବିକିଥାନ୍ତି। ତେବେ ଜଣେ ମହିଳା ବ୍ୟବସାୟୀ ବହୁ ଦୂରରୁ ମାଛ ଆଣି ଏଠାରେ ବିକିବା କେନ୍ଦୁଝର ପାଇଁ ନିଆରା ବୋଲି ମତପ୍ରକାଶ ପାଉଛି। ଅନେକ ସମୟରେ ସ୍ଥାନୀୟ ମାଛ ବ୍ୟବସାୟୀଙ୍କ ନାଲିଆଖିର ଶିକାର ହୋଇଥାନ୍ତି। ଚିଲିକା ମାଛ ଓ ସମୁଦ୍ର ମାଛ ମଧ୍ୟରେ ତଫାତ୍ ରହିଛି । ସମୁଦ୍ର ମାଛ ଅପେକ୍ଷା ଚିଲିକା ମାଛର ଚାହିଦା ଅଧିକ ବୋଲି କୁହନ୍ତି ସ୍ଥାନୀୟ ଲୋକେ। ଏହାର ସ୍ୱାଦ ମଧ୍ୟ ଭଲ ହୋଇଥାଏ। ଯିଏ ଥରେ ଖାଇଛି ସିଏ ଜାଣିଛି। ତେବେ ମାଂସ ଅପେକ୍ଷା ମାଛ ସ୍ୱାସ୍ଥ୍ୟ ପକ୍ଷେ ହିତକର। ବିଶେଷକରି ଦେଶୀ (ପୋଖରୀ, ଡ୍ୟାମ୍) ମାଛର ଦାମ୍ ଅଧିକ ଥାଏ। ସେହିପରି କମ୍ ଦାମ୍ ହେତୁ ଆନ୍ଧ୍ର ମାଛର ଚାହିଦା ମଧ୍ୟ ରହିଛି। ଅନେକ ସମୟରେ ପାରାଦୀପ, ଭଦ୍ରକ ଆଦି ଅଞ୍ଚଳରୁ ସମୁଦ୍ର ମାଛ ଆସିଥାଏ ବୋଲି ସ୍ଥାନୀୟ ମାଛ ବ୍ୟବସାୟୀ ନବୀନ ନାଏକ କୁହନ୍ତି।